

Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:120✦23 August 2026 (Sunday)✦Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୧୨୦✦୨୩ ଅଗଷ୍ଟ ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ଆମେରିକା-ଇରାନ ଯୁଦ୍ଧ ଶେଷ ହେବା ନେଇ ବଡ଼ ସଙ୍କେତ !



## ରାଷ୍ଟ୍ରପତି ପେଜେଶକିଆନଙ୍କ ବଡ଼ ବୟାନ୍

ନୂଆଦିଲ୍ଲୀ, ୨୨।୮: ଆମେରିକା ସହିତ ମାସ ମାସ ଧରି ତୀବ୍ର ଉତ୍ତେଜନା ଓ ଯୁକ୍ତି ଲାଗି ରହିଛି । ଏହାରି ମଧ୍ୟରେ ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଏହାକୁ ସମାପ୍ତ କରିବା ନେଇ ଏକ ବଡ଼ ସଙ୍କେତ ଦେଇଛନ୍ତି । ଶୁକ୍ରବାର ଦିନ ଡାକ୍ତରମାନଙ୍କ ସହିତ ଏକ ବୈଠକରେ ସେ କହିଛନ୍ତି ଯେ, ବର୍ତ୍ତମାନର ପରିସ୍ଥିତିରେ ଇରାନ ନିଜର ଶକ୍ତି ଏବଂ ସମ୍ମାନଜନକ ସ୍ଥିତିରେ ରହିଛି, ତେଣୁ ଏହି ଯୁଦ୍ଧକୁ ଶେଷ କରିବା ବର୍ତ୍ତମାନ ସବୁଠାରୁ ଭଲ ପଦକ୍ଷେପ ହେବ । ରାଷ୍ଟ୍ରପତି ପେଜେଶକିଆନଙ୍କ ଦାବି କରିଛନ୍ତି ଯେ ସମଗ୍ର ବିଶ୍ୱ ଆଜି ଇରାନର ବିଜୟକୁ ସ୍ୱୀକାର କରୁଛି । ଆମେରିକା ପକ୍ଷରୁ ସମସ୍ତ ଅନ୍ତର୍ଜାତୀୟ ନିୟମ ଉଲ୍ଲଂଘନ କରି ସ୍କୁଲ, ହସ୍ପିଟାଲ ଏବଂ ମୌଳିକ ସଂରକ୍ଷଣ ଉପରେ ଆକ୍ରମଣ କରାଯାଇଥିବା ନେଇ ସମଗ୍ର ବିଶ୍ୱରେ ଆମେରିକାର ସମାଲଚନା କରାଯାଉଛି । ପେଜେଶକିଆନଙ୍କ କ୍ଷମତା ସର୍ବୋଚ୍ଚ ନେତା ମୋଜତବା ଖାମେନେଇଙ୍କ ଅଧୀନରେ ରହିଛି । ଗତ ଜୁନ୍ ମାସରେ ଆମେରିକା ସହିତ ହୋଇଥିବା ବୁଝାମଣାପତ୍ରକୁ ସେ ସମର୍ଥନ କରିଛନ୍ତି, ଯାହାକୁ ନେଇ ଦେଶର ସଂସଦରେ କଟରପନ୍ଥୀ ନେତାମାନେ ତାଙ୍କ ସରକାରକୁ ଆମେରିକା ଆଗରେ ଆତ୍ମସମର୍ପଣ କରିଥିବା ଅଭିଯୋଗ ଆଣିଥିଲେ । ବୁଝାମଣାପତ୍ରର ଅବଧି ଶେଷ ହେବା ପରେ ଇରାନୀ ସେନା କୌଣସି ବି ପ୍ରକାରର ନୂତନ ବିପଦର ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଚେତାବନୀ ଦେଇଛି । ସଶସ୍ତ୍ର ବାହିନୀର ମୁଖ୍ୟ ମେଜର ଜେନେରାଲ ଅଲୀ ଅବ୍ଦୁଲ୍ଲାହି କହିଛନ୍ତି ଯେ ଦେଶର ସ୍ଥଳ, ସମୁଦ୍ର, ବାୟୁ ଏବଂ ସାଇବର କ୍ଷମତା ଶତ୍ରୁପକ୍ଷକୁ କଡ଼ା ଏବଂ ବିଧ୍ୱଂସୀ ଜବାବ ଦେବାକୁ ସକ୍ଷମ । ଓମାନ ଏବଂ ଇରାନର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଏକ ଫୋନ୍ କଲ୍ ଜରିଆରେ ଆଲୋଚନା ହୋଇଛି । ତେହେରାନ ଏହି ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗକୁ ଆଂଶିକ ଭାବେ ବନ୍ଦ ରଖିଥିବାବେଳେ ଆମେରିକୀୟ ନୌସେନା ସେଠାରେ ତେଲ ଟ୍ୟାଙ୍କରଗୁଡ଼ିକୁ ସୁରକ୍ଷିତ ପଥ ପ୍ରଦାନ କରୁଛି । ୱାସିଂଟନ୍ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଆଲୋଚନା ପ୍ରସ୍ତାବ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି ।

## ଅଗଷ୍ଟ ୩୧ ଓ ସେପଟ୍ମ୍ବେର ୧ରେ ରତ୍ନଭଣ୍ଡାର ଗଣତି

ପୁରୀ,୨୨/୮(ନି/ପ୍ର): ପୁଣି ଆରମ୍ଭ ହେବ ରତ୍ନଭଣ୍ଡାର ଗଣତି। ପରବର୍ତୀ ରତ୍ନଭଣ୍ଡାର ଗଣତି ଆସନ୍ତା ଅଗଷ୍ଟ ୩୧ ଓ ସେପଟ୍ମ୍ବେର ୧ ତାରିଖରେ ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ବିଭିନ୍ନ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ତଥା କମାଣ୍ଡରଙ୍କ ପରାମର୍ଶ ଅନୁଯାୟୀ, ପରବର୍ତ୍ତୀ ରତ୍ନଭଣ୍ଡାର ଗଣତି ଆସନ୍ତା ଅଗଷ୍ଟ ୩୧ ଓ ସେପଟ୍ମ୍ବେର ୧ ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ବ୍ୟବସ୍ଥାବଳୀ ଅନୁଯାୟୀ ଅନୁଷ୍ଠିତ ହେବ। ଏହି କାର୍ଯ୍ୟରେ ସମସ୍ତ ସେବକ ଓ ଶ୍ରଦ୍ଧାଳୁ ଭକ୍ତଙ୍କର ସହଯୋଗ ଓ ସହାୟତା କାମନା କରାଯାଇଛି।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com


# ସାରା ରାଜ୍ୟରେ ପ୍ରତିବାଦ କରିବ ବିଜେଡି



## ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କଂଗ୍ରେସର ଦାବି

ଭୁବନେଶ୍ୱର,୨୨/୮(ନି/ପ୍ର):ଏମଏମଡିଆର ଆଇନ-୨୦୨୬ ରଦ୍ଦ କରିବାକୁ କଂଗ୍ରେସର ଦାବି । ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ଦାବିପତ୍ର ଦେଲା କଂଗ୍ରେସ । ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ବିଧାୟକ ପ୍ରତିନିଧି ମଣ୍ଡଳୀ ଆଜି ଲୋକଭବନରେ ରାଜ୍ୟପାଳଙ୍କୁ ଭେଟିଛନ୍ତି । ଗଗଉଜ ବିଲ ପ୍ରସଙ୍ଗରେ ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦଳ ଦାବି କରିଛି । ରାମଚନ୍ଦ୍ର କାଡାମ କହିଛନ୍ତି ଯେ, ଏମଏମଡିଆର ବିଲରେ ସରକାର ଯେଉଁ ସଂଶୋଧନ କରିଛନ୍ତି ଆମେ ଏହାକୁ ବିରୋଧ କରୁଛୁ । ଏହି ବିଲ ସଂଶୋଧନ କାରଣରୁ ଆମ ରାଜ୍ୟ ୧ ଲକ୍ଷ କୋଟି ଟଙ୍କା ହରାଇବା ସହ ପ୍ରତିବର୍ଷ ଓଡ଼ିଶା ୨୦ ହାଜର କୋଟି ଟଙ୍କା କ୍ଷତି ହେବ । ରାଜ୍ୟରେ ବିଜେପି ଯେଉଁ ଡବଲ ଇଂଜିନର ବିକାଶ କଥା କହୁଥିଲା ଏବେ ତାଙ୍କର ଅସଲ ଚେହେରା ସାମ୍ନାକୁ ଆସିଯାଇଛି । ଭାରତବର୍ଷରେ ଓଡ଼ିଶାରେ ଖଣିଜସମ୍ପତି ଭରପୁର ରହିଛି । ତେଣୁ ଜଙ୍ଗଲ ଜମି ପାଣି ପାଇଁ ଓଡ଼ିଶା ଯେଉଁ ଲଢେଇ କରୁଥିଲା ଆଗାମୀ ଦିନରେ କଂଗ୍ରେସ ଦଳ ଲଢେଇ ଜାରି ରଖିବ । ସେହିପରି ଏମଏମଡିଆରକୁ ନେଇ ବିଜେଡି ବିଧାୟକ ଅରୁଣ ସାହୁ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, ସୁପ୍ରିମକୋର୍ଟରେ ୨୪ ମସିହାରେ ଯେଉଁ ରାୟ ଦେଲେ ସେଥିରେ ସେ ସେସ୍ ଓ ଟାକ୍ସ ରାଜ୍ୟ ସରକାର ଲଗାଇ ପାରିବେ ବୋଲି କହିଥିଲେ । ଝାଡ଼ଖଣ୍ଡ ସରକାର ସ୍ୱତନ୍ତ୍ର ଆଇନ ଆଣି ୪୫ ହଜାର କୋଟି ଆଦାୟ କଲେ । କିନ୍ତୁ ଓଡ଼ିଶାରେ ତାହା ହେଲା ନାହିଁ। ବିଜେପି ସରକାର ଯଦି ଆଦାୟ କରିଥାନ୍ତେ ହଜାରେ କୋଟି ଟଙ୍କା ହୋଇଥାନ୍ତା । ଏହା ଫଳରେ ଭବିଷ୍ୟତରେ କେନ୍ଦ୍ରର ହାତଟେକାକୁ ଅନାଇବାକୁ ପଡିନଥାନ୍ତା । ୯୯ ପ୍ରତିଶତ ଲୋକ ଏହାକୁ ବିରୋଧ କରୁଛନ୍ତି । କେନ୍ଦ୍ର ରାଜ୍ୟର ଅଧିକାର ସେମାନେ ଛଡାଇ ନେଇଛନ୍ତି । କଂଗ୍ରେସ ଓ ବାମ ଦଳ ଏହାକୁ ବିରୋଧ କଲେଣି । ଆଗାମୀ ଦିନରେ ବିଜେଡି ରାଜ୍ୟବ୍ୟାପୀ ଏହାକୁ ତୀବ୍ର ବିରୋଧ କରିବ ।

# ଯନ୍ତର-ମନ୍ତରରେ 'ଆରକ୍ଷଣ ହଟାଅ' ଆନ୍ଦୋଳନ, ୟୁଜିସି ନିୟମକୁ ନେଇ ବିକ୍ଷୋଭ





ନୂଆଦିଲ୍ଲୀ,୨୨/୮: ସିଜେପିର ନିଟ୍ ପେପର ଲିକ୍ ବିରୋଧୀ ଛାତ୍ର ଆନ୍ଦୋଳନ ପରେ ଏବେ ଦିଲ୍ଲୀର ଯନ୍ତର-ମନ୍ତରରେ ନୂଆ ଆନ୍ଦୋଳନ ଆରମ୍ଭ ହୋଇଛି। ଆରକ୍ଷଣ ବ୍ୟବସ୍ଥା ହଟାଇବା ଦାବିରେ ଶୁକ୍ରବାର ଏଠାରେ ଶହଶହ ଲୋକ ଏକାଠି ହୋଇଛନ୍ତି। 'ଆରକ୍ଷଣ ହଟାଅ ଆନ୍ଦୋଳନ' (ଆରଏଚ୍ଏ) ନାମରେ ଡକାଯାଇଥିବା ଏହି ବିକ୍ଷୋଭରେ ଆରକ୍ଷଣ ସହ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂଆ ନିୟମକୁ ନେଇ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସକାଳୁ ଲୋକମାନେ ବ୍ୟାନର ଓ ପୋଷ୍ଟର ଧରି ଯନ୍ତର-ମନ୍ତରରେ ପହଞ୍ଚିଥିଲେ। ଦ୍ୱିପ୍ରହର ବେଳକୁ ଭିଡ଼ ବଢ଼ିଥିଲା। ବିକ୍ଷୋଭକାରୀମାନେ ଜାତିଭିତିକ ଆରକ୍ଷଣ ବଦଳରେ ଆର୍ଥିକ ଆଧାରରେ ଆରକ୍ଷଣ ଦେବାକୁ ଦାବି କରିଥିଲେ। ସେମାନଙ୍କ ପୋଷ୍ଟରରେ 'ଗରିବଙ୍କୁ ଆରକ୍ଷଣ, ଜାତିକୁ ନୁହେଁ' ଭଳି ସ୍ଲୋଗାନ ରହିଥିଲା। ଆନ୍ଦୋଳନକାରୀମାନେ 'ଭାରତ ମାତା କୀ ଜୟ' ଓ 'ଜୟ ଶ୍ରୀରାମ' ନାରା ମଧ୍ୟ ଦେଇଥିଲେ। ଜାତିଭିତ୍ତିକ ଆରକ୍ଷଣ ହଟାଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ କେତେକ ପ୍ରଦର୍ଶନକାରୀ କହିଥିଲେ। ଏହା ସହିତ ୟୁଜିସିର ୨୦୨୬ ନିୟମକୁ ନେଇ ମଧ୍ୟ ବିକ୍ଷୋଭ ହୋଇଛି। ଶିକ୍ଷାନୁଷ୍ଠାନରେ ଜାତିଭିତିକ ଭେଦଭାବ ରୋକିବା ପାଇଁ ୟୁଜିସି ପକ୍ଷରୁ ଆଣାଯାଇଥିବା ନିୟମରେ ପରିବର୍ତ୍ତନକୁ ସବର୍ଣ୍ଣ ସମାଜର କିଛି ସଂଗଠନ ବିରୋଧ କରୁଛନ୍ତି। ଏହି ନିୟମର ଦୁରୁପଯୋଗ ହୋଇପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରି ନିୟମ ପ୍ରତ୍ୟାହାର ଦାବି କରିଛନ୍ତି। ତେବେ ଯନ୍ତର-ମନ୍ତରରେ ଏହି ପ୍ରଦର୍ଶନ ପାଇଁ ଦିଲ୍ଲୀ ପୁଲିସ ଅନୁମତି ଦେଇନଥିଲା। ସୋସିଆଲ ମିଡିଆରେ ଅନୁମତି ମିଳିଥିବା ନେଇ ପ୍ରଚାରିତ ଭିଡିଓକୁ ପୁଲିସ ମିଥ୍ୟା ଓ ବିଭ୍ରାନ୍ତିକର ବୋଲି କହିଥିଲା। ନୂଆଦିଲ୍ଲୀ ଜିଲ୍ଲାରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅନୁସାରେ ନିଷେଧାଦେଶ ମଧ୍ୟ ଲାଗୁ ରହିଛି। ପରେ ଦିଲ୍ଲୀ ପୁଲିସ ରାମଲୀଳା ମଇଦାନରେ ସର୍ତ୍ତସାପେକ୍ଷ ଭାବେ ପ୍ରଦର୍ଶନକୁ ଅନୁମତି ଦେଇଥିବା ଜଣାପଡ଼ିଛି। ଶୁକ୍ରବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ସର୍ବାଧିକ ୫୦୦ ଲୋକଙ୍କୁ ନେଇ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ ପାଇଁ ଅନୁମତି ଦିଆଯାଇଛି। ତେବେ ଶୋଭାଯାତ୍ରା କିମ୍ବା ଧାରଣାସ୍ଥଳରେ ରହିବାକୁ ଅନୁମତି ନାହିଁ। ପ୍ରଦର୍ଶନ ସମୟରେ ଆଇନଶୃଙ୍ଖଳା ବଜାୟ ରଖିବାକୁ ପୁଲିସ ନିର୍ଦ୍ଦେଶ ଦେଇଛି।

# ଅର୍କେଷ୍ଟ୍ରା ଦେଖୁଥିଲେ ; ମାଡି ଆସିଲା ବସ୍, ଚାଲିଗଲା ୫ ଜୀବନ



ପାଟନା,୨୨/୮: ଅର୍କେଷ୍ଟ୍ରା ଦେଖୁଥିଲେ, ମାଡି ଆସିଲା ମୃତ୍ୟୁ । କିଛି କ୍ଷଣରେ ହସଖୁସି ଲୁହରେ ପରିଣତ ହୋଇଗଲା । ଖାଲି ଶୁଭିଲା ଚିତ୍କାର । ପଶ୍ଚିମ ଚମ୍ପାରଣ ଜିଲ୍ଲାର ବେଟିଆ-ଲୌରିଆ ମୁଖ୍ୟ ରାସ୍ତା ୭୨୭ ଜାତୀୟ ରାଜପଥରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପାଁ ଜଣ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ରାତି ପ୍ରାୟ ୧୧ଟା ସମୟରେ ବାସଭାରିଆ ଏବଂ ପାରାଉଟୋଲା ମଧ୍ୟରେ ଘଟିଛି। ସୂଚନା ଅନୁଯାୟୀ, ଗୋରଖପୁରରୁ ବେଟିଆ ଯାଉଥିବା ଏକ ଦ୍ରୁତଗାମୀ ବସ୍ ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଛଠିହାର ମହୋତ୍ସବ ପାଇଁ ଏକ ଅର୍କେଷ୍ଟ୍ରା ପ୍ରଦର୍ଶନ ଦେଖୁଥିବା ଲୋକଙ୍କ ଭିଡ଼ ଉପରେ ଚଢ଼ିଯାଇଥିଲା । ହଠାତ୍ ଦୁର୍ଘଟଣା ଘଟି ଘଟଣାସ୍ଥଳରେ ବ୍ୟାପକ ଆତଙ୍କ ସୃଷ୍ଟି ହୋଇଥିଲା । ରିପୋର୍ଟ ଅନୁଯାୟୀ, ଶୁକ୍ରବାର ଧର୍ମେନ୍ଦ୍ର ଦୁବେଙ୍କ ଘରେ ଛଠିହାର ଉତ୍ସବ ଅନୁଷ୍ଠିତ ହୋଇଥିଲା । ତାଙ୍କ ଘର ୭୨୭ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ । ଉତ୍ସବ ସମୟରେ, ଘର ବାହାରେ ଏକ ଅର୍କେଷ୍ଟ୍ରା ପ୍ରଦର୍ଶନ କରାଯାଇଥିଲା । ପ୍ରଦର୍ଶନ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଅନେକ ଲୋକ ରାସ୍ତା କଡ଼ରେ ଏକାଠି ହୋଇଥିଲେ । ଏହି ସମୟରେ, ଲୌରିଆରୁ ବେଟିଆ ଯାଉଥିବା ବସ୍ ଦ୍ରୁତ ଗତିରେ ଆସି ହଠାତ୍ ନିୟନ୍ତ୍ରଣ ହରାଇ ଭିଡ଼ ଉପରେ ଚଢ଼ି ଯାଇଥିଲା । ବସ୍ ଦ୍ୱାରା ଅନେକ ଲୋକ ଗୁରୁତର ଆହତ ହୋଇଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଦୁର୍ଘଟଣା ସମୟରେ ବେଟିଆରୁ ଏକ ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ ଆସୁଥିଲା, ଯେତେବେଳେ ଅନ୍ୟ ପାର୍ଶ୍ୱରୁ ଏକ ବସ୍ ବେଟିଆ ଅଭିମୁଖେ ଯାଉଥିଲା । ବସ୍ ଡ୍ରାଇଭର ନିୟନ୍ତ୍ରଣ ହରାଇଲେ ଏବଂ ବସ୍ଟି ଓଲଟି ପଡ଼ିଗଲା, ରାସ୍ତାକଡ଼ରେ ଠିଆ ହୋଇଥିବା ଲୋକଙ୍କୁ ଚାପି ଦେଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା । ହସ୍ପିଟାଲରେ ପହଞ୍ଚିବା ବେଳକୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥିଲା । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ବହୁସଂଖ୍ୟକ ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବା ସହ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ।

## ୨୦୨୭ ନିର୍ବାଚନ ପୂର୍ବରୁ ବଢ଼ିଲା ନେତାଙ୍କ ସୁରକ୍ଷା ବଢ଼ିଲା

ଲକ୍ଷ୍ନୌ,୨୨/୮:୨୦୨୭ ଉତରପ୍ରଦେଶ ବିଧାନସଭା ନିର୍ବାଚନକୁ ନଜରରେ ରଖି ରାଜ୍ୟର ପ୍ରମୁଖ ରାଜନେତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଉଛି । ରିପୋର୍ଟ ଅନୁସାରେ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ସମାଜବାଦୀ ପାର୍ଟିମୁଖ୍ୟ ଅଖିଳେଶ ଯାଦବ ଓ ବହୁଜନ ସମାଜ ପାର୍ଟିମୁଖ୍ୟ ମାୟାବତୀଙ୍କ ସମେତ ପ୍ରାୟ ୫୨ ଜଣ ନେତାଙ୍କୁ ଅତିରିକ୍ତ ସୁରକ୍ଷା କବଚ ଭାବେ ବୁଲେଟ୍ପ୍ରୁଫ୍ ଜାକେଟ୍ ଯୋଗାଇ ଦିଆଯିବ। ପ୍ରତ୍ୟେକ ଜାକେଟ୍ର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ବୋଲି ରିପୋର୍ଟରେ ଦାବି କରାଯାଇଛି । ଏହି ବ୍ୟବସ୍ଥାରେ କେବଳ ଶାସକ ଦଳର ନେତା ନୁହେଁ, ବିରୋଧୀ ଦଳର ବରିଷ୍ଠ ନେତାମାନଙ୍କୁ ମଧ୍ୟ ସାମିଲ କରାଯାଇଛି ।

# "ବନ୍ଦେ ମାତରମ୍" ସମ୍ପୂର୍ଣ୍ଣ ଗାନ ପାଇଁ ବିଜେପିର ପ୍ରସ୍ତାବ ପାରିତ





ନୂଆଦିଲ୍ଲୀ,୨୨/୮: କଂଗ୍ରେସ କାର୍ଯ୍ୟକାରିଣୀ କମିଟି (ସିଡବ୍ଲୁସି) ପକ୍ଷରୁ ଦଳୀୟ କାର୍ଯ୍ୟକ୍ରମଗୁଡ଼ିକରେ ଜାତୀୟ ସଙ୍ଗୀତ ''ବନ୍ଦେ ମାତରମ୍''ର କେବଳ ପ୍ରଥମ ଦୁଇଟି ପଦ ଗାନ କରିବାକୁ ନିଆଯାଇଥିବା ନିଷ୍ପତ୍ତିକୁ ଭାରତୀୟ ଜନତା ପାର୍ଟି କଠୋର ଭାବେ ନିନ୍ଦା କରିଛି। ଶନିବାର ଦଳର ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ ''ବନ୍ଦେ ମାତରମ୍''ର ସମ୍ପୂର୍ଣ୍ଣ ୬ଟି ଯାକ ପଦର ସମ୍ମାନ ରକ୍ଷା କରିବା ପାଇଁ ଏକ ସଂକଳ୍ପ ପାରିତ କରାଯାଇଛି। ବୈଠକ ପୂର୍ବରୁ ବିଜେପି ନେତାମାନେ ଏକତ୍ରିତ ହୋଇ ପୂର୍ଣ୍ଣାଙ୍ଗ ଜାତୀୟ ସଙ୍ଗୀତ ଗାନ କରିଥିଲେ। ବିଜେପି ପକ୍ଷରୁ କୁହାଯାଇଛି ଯେ, ୬ଟି ପଦବିଶିଷ୍ଟ ଏହି ସମ୍ପୂର୍ଣ୍ଣ ସଙ୍ଗୀତ ଭାରତର ଜାତୀୟ ଚେତନା ଏବଂ ସ୍ୱାଧୀନତା ସଂଗ୍ରାମର ଐତିହ୍ୟକୁ ପ୍ରତିଫଳିତ କରେ। ସାମ୍ପ୍ରଦାୟିକ ଚାପ, ରାଜନୈତିକ ତୁଷ୍ଟିକରଣ କିମ୍ବା ଭୋଟବ୍ୟାଙ୍କ ରାଜନୀତି ପାଇଁ ଏହାର ମହତ୍ତ୍ୱକୁ କମ୍ କରିବାର କୌଣସି ବି ଉଦ୍ୟମକୁ ଦଳ ଦୃଢ଼ ଭାବେ ବିରୋଧ କରିବ। ଏହାସହିତ, ''ବନ୍ଦେ ମାତରମ୍''ର ଇତିହାସ, ଗୁରୁତ୍ୱ ଏବଂ ଐତିହ୍ୟ ବିଷୟରେ ବିଶେଷ କରି ଯୁବପିଢ଼ିକୁ ସଚେତନ କରିବା ପାଇଁ ବିଜେପି ଏକ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରିବ ବୋଲି ଘୋଷଣା କରିଛି।

# ଭୁବନେଶ୍ୱର ୧ ନମ୍ବର ହାଟରେ ପୁଣି ଅଗ୍ନିକାଣ୍ଡ : ସମ୍ପୂର୍ଣ୍ଣ ଜଳିଗଲା ୨ ଦୋକାନ

ଭୁବନେଶ୍ୱର,୨୨/୮(ନି/ପ୍ର): ପୁଣି ଭୁବନେଶ୍ୱର ଏକ ନମ୍ବର ମାର୍କେଟରେ ଅଗ୍ନିକାଣ୍ଡ । ଜଳିଗଲା ୫ରୁ ଅଧିକ ଦୋକାନ । ପୂଜା ସାମଗ୍ରୀ ଦୋକାନରୁ ଲାଗିଛି ନିଆଁ । ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ଘଟଣାସ୍ଥଳରେ ପହଚିଁ ନିଆଁ ଆୟତ କରିଛି ଅଗ୍ନିଶମ ବାହିନୀ। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ନେଇ ଅଧିକ ତଦନ୍ତ କରାଯିବ। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇବା ପରେ ଭୁବନେଶ୍ୱର ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଚିଁଥିଲେ । ଅଗ୍ନିଶମ କର୍ମଚାରୀଙ୍କ ଉଦ୍ୟମରେ ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା । ସୌଭାଗ୍ୟବଶତଃ ଏହି ଅଗ୍ନିକାଣ୍ଡରେ କୌଣସି ଜନଜୀବନ ହାନି ଘଟିନାହିଁ। ତେବେ ଦୁଇଟି ଦୋକାନରେ ଥିବା ବିଭିନ୍ନ ସାମଗ୍ରୀ ନିଆଁରେ କ୍ଷତିଗ୍ରସ୍ତ ହୋଇଛି । କ୍ଷୟକ୍ଷତିର ପରିମାଣ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ । ଘଟଣାକୁ ନେଇ ସମ୍ପୃକ୍ତ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ।



# କାନାଡ଼ା ସାମଗ୍ରୀ ଉପରେ ୫୦% ସୀମା ଶୁଳ୍କ ଲଗାଇଲା ଆମେରିକା:

## କଡ଼ା ଜବାବ ଦେବାକୁ କାର୍ନିଙ୍କ ଚେତାବନୀ



ୱାଶିଂଟନ,୨୨/୮: ଦୀର୍ଘ ଦିନର ଆଲୋଚନା ବିଫଳ ହେବା ପରେ ଶନିବାରଠାରୁ କାନାଡ଼ା ସାମଗ୍ରୀ ଉପରେ ଆମେରିକା ଅତ୍ୟଧିକ ସୀମା ଶୁଳ୍କ (ଟାରିଫ୍) ଲାଗୁ କରିଛି। ଏହାଦ୍ୱାରା ଆମେରିକାକୁ କାନାଡ଼ାର ହେଉଥିବା ପ୍ରାୟ ୨୦ ବିଲିୟନ ଡଲାର ମୂଲ୍ୟର ରପ୍ତାନି ପ୍ରଭାବିତ ହେବ ଏବଂ ଏହା ଉପରେ ୫୦ ପ୍ରତିଶତ ନୂଆ କର ଲାଗୁ କରାଯାଇଛି। ଆମେରିକାର ଏହି ପଦକ୍ଷେପ ପରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଦୃଢ଼ ଚେତାବନୀ ଦେଇଛନ୍ତି। ନିଜ ଦେଶର ଶ୍ରମିକ ଓ ବ୍ୟବସାୟୀଙ୍କ ସୁରକ୍ଷା ପାଇଁ କାନାଡ଼ା ମଧ୍ୟ ଆମେରିକାକୁ ସମାନ ପରିମାଣର କର ଲଗାଇ ଉଚିତ ଜବାବ ଦେବ ବୋଲି ସେ କହିଛନ୍ତି। ଆମେରିକା ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀଅର କହିଛନ୍ତି ଯେ, ଆମେରିକା ପକ୍ଷରୁ ଇସ୍ପାତ, ଆଲୁମିନିୟମ୍, ଅଟୋମୋବାଇଲ୍ ଏବଂ କାଠ ସାମଗ୍ରୀ ଉପରୁ କର ହ୍ରାସ କରିବାର ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ କାନାଡ଼ା ଶେଷ ମୁହୂର୍ତରେ ଏହି ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବାକୁ ମନା କରିଦେଇଥିଲା। ଅପରପକ୍ଷରେ କାନାଡ଼ା ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆମେରିକା ଶେଷ ମୁହୂର୍ତ୍ତରେ ରଖିଥିବା ସର୍ତ୍ତଗୁଡ଼ିକ ଅନ୍ୟାୟୀ ଏବଂ ଅପ୍ରାସଙ୍ଗିକ ଥିଲା। ଏହି କାରଣରୁ ଦୁଇ ଦେଶ ମଧ୍ୟରେ କୌଣସି ସହମତି ହୋଇପାରିନାହିଁ। ଆମେରିକାର ମଦ ଓ ଆଲକୋହଲକୁ କାନାଡ଼ା ବଜାରରୁ ହଟାଇ ଦିଆଯାଇଥିବାରୁ ଟ୍ରମ୍ପ ପ୍ରଶାସନ ଅସନ୍ତୋଷ ପ୍ରକାଶ କରିଥିଲା। ଏହି ଆଲୋଚନା ବିଫଳ ହେବା ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ଅଧିକ ତିକ୍ତ ହୋଇପଡ଼ିଛି।

# ଏନଟିପିସି ପ୍ଲାଂଟରେ ଦୁର୍ଘଟଣା, ୫ ଶ୍ରମିକ ଗୁରୁତର



କଣିହାଁ,୨୨/୮(ନି/ପ୍ର): କଣିହାଁସ୍ଥିତ ଏନଟିପିସି ପ୍ଲାଂଟରେ ଗତକାଲି ରାତିରେ ୧ ନମ୍ବର ସିଏଚପି ବଙ୍କର ବ୍ଲାଷ୍ଟ ହେବାରୁ ୫ ଜଣ ଶ୍ରମିକ ଗୁରୁତର ଆହତ ହୋଇଥିବା ଜଣା ପଡିଛି। ଗୁରୁତର ଆହତ ଥିବା ଶ୍ରମିକମାନଙ୍କୁ ବିଭିନ୍ନ ମେଡିକାଲରେ ଭର୍ତି ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ ଗତ କାଲି ରାତି ପ୍ରାୟସାଢେ ୧୨ଟା ବେଳେ ଏନଟିପିସି ପ୍ଲାଂଟର ଷ୍ଟେଜ-୧ ନମ୍ବର ସିଏଚପି ବଙ୍କର ଫାଟି ଯିବାରୁ ନିକଟରେ କାମ କରୁଥିବା ୫ ଜଣ ଶ୍ରମିକ ଗୁରୁତର ଆହତ ହୋଇ ଥିଲେ। ଖବର ପାଇ କାମ କରୁଥିବା ଶ୍ରମିକ, ଏନଟିପିସି ସିଆଇଏସଏଫର କର୍ମଚାରୀ ଓ ଏନଟିପିସିର ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ପହଚିଂ ଆହତ ହୋଇଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ ଚିକିତ୍ସା ପାଇଁ ଏନଟିପିସି ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଜଣ ଶ୍ରମିକ ଏନଟିପିସି ମେଡିକାଲ ରେ ଚିକିତ୍ସିତ ହେଉଥିବା ବେଳେ ୨ ଗୁରତର ଆହତ ଥିବା ଶ୍ରମିକଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଆହତ ଶ୍ରମିକମାନେ ହେଲେ ଏନଟିପିସି ଥାନା ରଙ୍ଗବେଡା ଗାଁର ଖଗେଶ୍ୱର ସାହୁ (୩୩), କଣିହାଁ ଥାନା ତେଲିସିଂହା ଗାଁର ସୁଶାନ୍ତ କୁମାର ସାହୁ,(୫୬) କମରେଇ ଗାଁର କିଶୋରି ପ୍ରଧାନ( ୫୧), ଟେଟେଂଇ ବେରେଣୀ ଗାଁର ଶୁକଦେବ ଭୁତିଆ(୫୨) ଓ ନାଲମ ବଳରାମ ନାଏକ(୨୫) ବୋଲି ଜଣାପଡିଛି। ଦୁର୍ଘଟଣା ଘଟିବା ପରେ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।




# କେନ୍ଦୁଝର ସମାଚାର

**A.R. KHAN**

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ଲଗାଣ ବର୍ଷାରେ ଭାଙ୍ଗିଲା ପୋଲ:
## ଯୋଗାଯୋଗ ବିଚ୍ଛିନ୍ନ, ଚିନ୍ତାରେ ଦୁଇ ପଂଚାୟତର ଜନସାଧାରଣ

ଚମ୍ପୁଆ,୨୨/୮(ନି/ପ୍ର): କ୍ରମାଗତ ଲଗାଣ ବର୍ଷା ଯୋଗୁଁ ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ପଂଚାୟତରୁ ପଡୁଆ ଏବଂ ଭୀମପୁର ପଂଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ପୋଲଟି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ପୋଲର ଏହି ଶୋଚନୀୟ ଅବସ୍ଥା ଯୋଗୁଁ ଦୁଇଟି ଯାକ ପଂଚାୟତର ହଜାର ହଜାର ଲୋକ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ରୂପେ ବିଚ୍ଛିନ୍ନ ହୋଇପଡ଼ିଛନ୍ତି। ସ୍ଥାନୀୟ ଅଂଚଳବାସୀ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ଯେପରିକି ସାପ୍ତାହିକ ହାଟ, ବ୍ୟାଙ୍କ, ହସ୍ପିଟାଲ ଏବଂ ସ୍କୁଲ-କଲେଜ ପାଇଁ ସମ୍ପୂର୍ଣ୍ଣ ଭାବେ ଭଣ୍ଡା ଉପରେ ନିର୍ଭର କରନ୍ତି। ମାତ୍ର ପୋଲଟି ଭାଙ୍ଗିଯିବା ପରେ ସେମାନଙ୍କ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଗ୍ରାମକୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସଟିଏ ଆସିବା ମଧ୍ୟ ଏବେ ଅସମ୍ଭବ ହୋଇପଡ଼ିଛି। ଏହି ସମସ୍ୟା ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ଆଶଙ୍କା ସୃଷ୍ଟି କରିଛି। ପରିସ୍ଥିତିର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ପକ୍ଷରୁ ଜନସାଧାରଣଙ୍କ ସୁରକ୍ଷା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। କ୍ଷତିଗ୍ରସ୍ତ ପୋଲ ଉପର ଦେଇ ଯାତାୟାତ କରିବା ଅତ୍ୟନ୍ତ ବିପଜ୍ଜନକ। ଯେପରି କୌଣସି ବଡ଼ ଦୁର୍ଘଟଣା ନଘଟେ, ସେଥିପାଇଁ ଏହି ରାସ୍ତା ବ୍ୟବହାର ନକରିବାକୁ ବାରଣ କରାଯାଇଛି। ସମସ୍ତ ଗ୍ରାମବାସୀ ଏବଂ ପଥଚାରୀଙ୍କୁ ସୁରକ୍ଷିତ ରହିବା ପାଇଁ କେବଳ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ସ୍ଥାନୀୟ ବାସିନ୍ଦା ପ୍ରଶାସନକୁ ପୋଲର ତୁରନ୍ତ ମରାମତି କିମ୍ବା ଏକ ଅସ୍ଥାୟୀ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି, ଯେପରି ଯୋଗାଯୋଗ ପୁଣି ସ୍ୱାଭାବିକ ହୋଇପାରିବ।

## ଡିଏନ୍ଏ କଲେଜରେ ପରିବେଶ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର,୨୨/୮(ନି/ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଶାଖାର ପରିବେଶ ସଂପର୍କୀତ ଏକ ଆଲୋଚନାଚକ୍ର 'ଆମ ପରିବେଶକୁ ସୁରକ୍ଷା କରିବା କିପରି' ଓ ବର୍ଷା କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅଖିଳ ବାରତୀୟ ସାହିତ୍ୟ ପରିଷଦର ସଭାପତି ଡ. ଭବାନି ଶଙ୍କର ପଟେଲ ସଭାପତିତ୍ୱ କରିଥିଲେ। ଦୀପ ପ୍ରଜ୍ୱଳନ କରିଥିଲେ ରଶ୍ମି ପାତ୍ର। ସମାଜସେବୀ ରାମ ଶଙ୍କର ଶତପଥୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କଲେଜର ଅଧ୍ୟାପକ ବିଭୁତି ଭୂଷଣ ବନଛୋର ସବା ପରିଚାଳନା କରିଥିଲେ। ବକ୍ତା ଭାବରେ ଅଧ୍ୟାପିକ ମତୀମରୀ ଶତପଥୀ, ବିକାଶ ତ୍ରିପାଠି ତଥା ବିଜ୍ଞାନ ଶିକ୍ଷକ ଶିବ ପ୍ରସାଦ ତ୍ରିପାଠି ନିଜ ନିଜ ମତ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସୁମିତ ଅଗ୍ରୱାଲ ଛାତ୍ରମାନଙ୍କୁ ପରିବେଶ ଉପରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ।

## ସନ୍ଥ ଶିରୋମଣି ଗୁରୁ ଶ୍ରୀ ରବି ଦାସଙ୍କ ୬୫୦ତମ ଜନ୍ମ ଜୟନ୍ତୀ ବର୍ଷ ଉପଲକ୍ଷେ କେନ୍ଦୁଝରରେ କଳସ ବନ୍ଦନ ଅଭିଯାନର ଶୁଭାରମ୍ଭ

କେନ୍ଦୁଝର,୨୨/୮(ନି/ପ୍ର): ତ୍ରୟୋଦଶ - ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ବାହ୍ୟ ଶତ୍ରୁଙ୍କ ଆକ୍ରମଣ ଏବଂ ଧର୍ମାନ୍ତୀରଣ ପ୍ରକ୍ରିୟା କାରଣରୁ ସାମାଜିକ ବୈଷମ୍ୟ ଓ ଜାତିଭେଦର ଅସ୍ପୃଶ୍ୟତା ପ୍ରମୁଖ ଶିଖରରେ ପହଁଚିଥିଲା। ସାମଗ୍ରିକ ଭାବେ ସତାନତ ଧର୍ମ ମଧ୍ୟ ବହୁ ଆହ୍ୱାନର ସମ୍ମୁଖୀନ ହୋଇଥିଲା। ଦୀର୍ଘ ୧୨୦୦ ବର୍ଷ ଧରି ଦେଶ ପରାଧୀନ ଥିଲା। ଇଂରେଜଙ୍କ ଠାରୁ ଆରମ୍ଭ କରି ମୋଗଲ ପର୍ଯ୍ୟନ୍ତ ସଭିଏଁ ସନାତନ ଧର୍ମକୁ ବାରମ୍ବାର ଆକ୍ରମଣ କରିଥିଲେ। ଏହି ଧର୍ମକୁ ନଷ୍ଟ କରିବା ପାଇଁ ଅନେକ ଅପଚେଷ୍ଟା କରିଥିଲେ। ମାତ୍ର ସନ୍ଥ ଶିରୋମଣି ଗୁରୁ ଶ୍ରୀ ରବି ଦାସ ମହାରାଜଙ୍କ କାରଣରୁ ଏହି ସନାତନ ଧର୍ମର ରକ୍ଷା ହେବା ସହିତ ଅନେକ ସଂସ୍କାର ଆସିଥିଲା ଏହି ଧର୍ମ ସହ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ। ଆଜି ଆମକୁ ଯେଉଁ ସାମାଜିକ ଓ ଅର୍ଥନୈତିକ ସ୍ୱାଧୀନତା ମିଳିଛି, ଏହାପଛରେ ଆମ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ପୂଜ୍ୟ ସନ୍ଥ ଶ୍ରୀ ଗୁରୁ ରବି ଦାସ ମହାରାଜ ଅଟନ୍ତି। ସମାଜରେ ଯେତେବେଳେ କିଛି ରୁଢ଼ିବାଦୀ ଲୋକ ଆମ ଭିତରେ ଝଗଡ଼ା ଲଗେଇବା ପାଇଁ, ବିବାଦ କରିବା ପାଇଁ, ଜାତିବାଦ ଆଣିବା ପାଇଁ ଉଦ୍ୟମ କରୁଥିଲେ ସେତେବେଳେ ସନ୍ଥ ଶ୍ରୀ ରବିଦାସ ଅନେକ ସଂଘର୍ଷ କରି ସମରସତାର ବାର୍ତ୍ତା ଦେଇ ସମାଜରୁ ଛୁଆଁ, ଅଛୁଆଁ, ଅସ୍ପୃଶ୍ୟତା ଭେଦଭାବ ଦୂର କରିବାକୁ ଚେଷ୍ଟା କରିଥିଲେ। ସମାଜରେ ସଂସ୍କାର ଆଣି ଠିକ୍ଭାବେ ଗଢ଼ିବା ପାଇଁ ସଂକଳ୍ପ ନେବା ସହିତ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ପାଇଁ ଅନେକ ଯୁଗପୋଯୋଗୀ ନିଷ୍ପତି ନେଇଥିଲେ। ପରିବର୍ତନ କରିବାର ଆତ୍ମବିଶ୍ୱାସ, ପ୍ରତିବଦ୍ଧତା ଓ ଧୈର୍ଯ୍ୟ ବଳରେ ସାମାଜିକ ସମରସତାକୁ ଲୋକଙ୍କ ପାଖରେ ପହଂଚାଇପାରିଥିଲେ। ଏଥିଯୋଗୁଁ ସମଗ୍ର ଭାରତବର୍ଷରେ ଆଜି ଲୋକେ ତାଙ୍କୁ ପୂଜା କରୁଛନ୍ତି। ଏଭଳି ସମାଜ ସଂସ୍କାର କାର୍ଯ୍ୟ ଯୋଗୁ ହଜାର ହଜାର ବର୍ଷ ପର ?ୟ୍ୟନ୍ତ ସନ୍ଥ ରବିଦାସଜୀଙ୍କୁ ଲୋକେ ମନେପକାଇବା ସହ ତାଙ୍କ ରାସ୍ତାକୁ ଅନୁସରଣ କରିବେ। କେନ୍ଦୁଝର ଜିଲ୍ଲାରେ ସନ୍ଥଜୀଙ୍କ ବାର୍ତ୍ତାକୁ ନେଇ ସବୁଗାଁରେ ପହଂଚାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ କହିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକ୍ରମେ ସନ୍ଥ ରବି ଦାସଜୀଙ୍କ ବାର୍ତାକୁ ଜିଲ୍ଲାର ବ୍ଲକ ଓ ମଣ୍ଡଳସ୍ତର ପର୍ଯ୍ୟନ୍ତ ପହଂଚାଇବା ପାଇଁ ବିଜେପି ସଂକଳ୍ପବଦ୍ଧ। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଏକାକାର କରିବା ପାଇଁ ବିଜେପିର ପ୍ରୟାସ ନିଶ୍ଚିନ୍ତ ସଫଳ ହେବ ବୋଲି ଜିଲ୍ଲା ସଭାପତି ବିଜେପି ଜିଲ୍ଲା ସଭାପତି କହିଛନ୍ତି। ପ୍ରାଚୀନ କାଳରୁ ମାନବ ସଭ୍ୟତା, ସଂସ୍କୃତି, ଧର୍ମ, ଦର୍ଶନ ଓ ଜ୍ଞାନ-ବିଜ୍ଞାନର ଆଦି ଭୂମି ରୂପେ ପ୍ରସିଦ୍ଧି ଅର୍ଜନ କରିଆସିଛି ଭାରତବର୍ଷ। ଏହି ପରିପ୍ରେକ୍ଷୀରେ ତାଙ୍କ ଜନ୍ମସ୍ଥାନ ବାରଣାସୀ କାଶୀରୁ ପବିତ୍ର ମୃତିକାକୁ କଳସରେ ସଂଗ୍ରହ କରାଯାଇ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ପଠାଯାଇଥିଲା। ସେହିପରି କେନ୍ଦୁଝର ରୁ ଯାଇଥିବା ପ୍ରତିନିଧିଦଳ ଏହି ପବିତ୍ର କଳସକୁ ଆଣି ଥିଲେ। ବୁଧବାର ଏକ ଭବ୍ୟ ସମାରୋହରେ କାର୍ଯ୍ୟକର୍ତାମାନଙ୍କ ଜରିଆରେ ବିଜେପିର ୪୫ଟି ସାଂଗଠନିକ ମଣ୍ଡଳରୁ ସ୍ଥାନୀୟ ମହାପୁରଷମାନଙ୍କ ଜନ୍ମସ୍ଥାନରୁ ମାଟି ଅଣାଯାଇ ଏହି ପବିତ୍ର ମୃତିକାରେ ମିଶାଯିବା ପରେ ତାହାକୁ ୪୫ଟି ପୃଥକ୍ କଳସରେ ବଂଟନ କରାଯିବା ପରେ ପୁଣି ଥରେ ୪୫ଟି ସାଂଗଠନିକ ମଣ୍ଡଳକୁ ପ୍ରେରିତ କରାଯାଇଛି। ସେଠାରୁ ପ୍ରତ୍ୟେକ ଗ୍ରାମ ପଂଚାୟତରୁ ପ୍ରତ୍ୟେକ ଗ୍ରାମକୁ ଏହି ପବିତ୍ର କଳସ ବୁଲିବା ପରେ ଶେଷରେ ସେହି ସ୍ଥାନରେ ବୃକ୍ଷରୋପଣ କରାଯିବ। ଏହି ଅଭିଯାନ ଅଧୀନରେ ବିଭିନ୍ନ ଧାର୍ମିକ, ସାମାଜିକ, ସାଂସ୍କୃତିକ ଏବଂ ଜନସମ୍ପର୍କମୂଳକ କାର୍ଯ୍ୟକ୍ରମ କରାଯିବ। ଏଥିରେ ବହୁ ସଂଖ୍ୟାରେ ସାଧୁ ସନ୍ଥମାନେ ସାମିଲ ହେବେ। ପବିତ୍ର ମାଟି ସହିତ ଶ୍ରୀ ରବି ଦାସଙ୍କ ବାର୍ତା ଓ ଆଦର୍ଶକୁ ଗାଁ ଗାଁରେ ପହଂଚାଯିବ। ବୁଧବାର କେନ୍ଦୁଝର ଜିଲ୍ଲାରେ "କଳସ ବନ୍ଦନ ଅଭିଯାନର ଶୁଭାରମ୍ଭ" ଅବସରରେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ ଙ୍କ ନେତୃତ୍ୱରେ କେନ୍ଦୁଝର ସହରର କାଶୀପୁର ମା' ଲକ୍ଷ୍ମୀ ଙ୍କ ମନ୍ଦିର ରେ ପୂଜାର୍ଚ୍ଚନା କରି କଳସ ଯାତ୍ରାରେ ସଂକୀର୍ତନ ହୁଳହୁଳି ଦେଇ ବିଜେପି ଜିଲ୍ଲା କାର୍ଯ୍ୟାଳୟ କୁ ଆସିଥିଲେ। କାର୍ଯ୍ୟାଳୟରେ ଅନୁଷ୍ଠିତ ଭବ୍ୟ କାର୍ଯ୍ୟକ୍ରମ ରେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲା ଅନୁସୂଚିତଜାତି ମୋର୍ଚ୍ଚା ସଭାପତି ଶାନ୍ତନୁ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ଏବଂ ଅଗନୁ ମହାନ୍ତ, ରାଜ୍ୟ ଅନୁସୂଚିତଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ଆଲୋକ କୁମାର ସେଠୀ, ଘସିପୁରା ବିଧାନସଭା ପ୍ରାର୍ଥୀ ଡ଼ଃ. ଶମ୍ଭୁନାଥ ରାଉତ, ଏସଡ଼ିସି ଚେୟାରମ୍ୟାନ ମମିତା ନାଏକ, ରାଜ୍ୟ ବିଜେପି ସମ୍ପାଦିକା ମମତା ସିଂହ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମହାନ୍ତ, ଯୋଗ ଗୁରୁ ଦମ୍ବରୁଧର ସାହୁ, ପଣ୍ଡିତ ପ୍ରଭାସଚନ୍ଦ୍ର ଦାସ, ବାବା କୃଷ୍ଣଚନ୍ଦ୍ର ରାମ, ଜିଲ୍ଲା ଅନୁସୂଚିତଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ତୃପ୍ତିମୟୀ ଜେନା ଏବଂ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ମଂଚାସୀନ ହୋଇ ସନ୍ଥ ଶିରୋମଣି ଗୁରୁ ଶ୍ରୀ ରବି ଦାସଙ୍କ ଦର୍ଶନ, ସମରସତା, ସାମାଜିକ ନ୍ୟାୟ ଓ ମାନବତାର ବାର୍ତ୍ତାକୁ ଅଭିଭାଷଣ ମାଧ୍ୟମରେ ରଖିଥିଲେ।

# ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି:
## ମରିବାଠୁ ବଚିଂବା ଅଧିକ କଷ୍ଟଦାୟକ, ଯନ୍ତ୍ରଣାରେ ଜଳୁଛନ୍ତି ସୀମା



କେନ୍ଦୁଝର,୨୨/୮(ନି/ପ୍ର): ତାମିଲନାଡୁ ଚିଙ୍ଗୁଡ଼ି କାରଖାନା ଆମୋନିଆ ଗ୍ୟାସ ଦୁର୍ଘଟଣା ସାରା ଦେଶବାସୀଙ୍କୁ ବିଚଳିତ କରିଥିବାବେଳେ ଏବେବି ସେ ଦୃଶ୍ୟ ମନେ ପଡ଼ିଲେ ଛାତି ଥରିଯାଏ। ୧୫ ଜଣ ନିରୀହ ଜୁଆଙ୍ଗ ଯୁବତୀଙ୍କ ଜୀବନ ଚାଲିଗଲା। କିନ୍ତୁ ଏହି ଘଟଣାରେ ଗୁରୁତର ପୀଡିତାଙ୍କ ଅବସ୍ଥା କହିଲେ ନସରେ। ମରିବା ଅପେକ୍ଷା ବଚିଂବା ସେମାନଙ୍କ ପକ୍ଷେ ଯନ୍ତ୍ରଣାଦାୟକ ହୋଇପଡିଛି। ଏପରି ଜଣେ ଯୁବତୀ ହେଲେ ତେଲକୋଇ ରଙ୍ଗମାଟିଆ ଗ୍ରାମର ସୀମା ଜୁଆଙ୍ଗ ଯିଏକି ଏବେ କଷ୍ଟର ଯନ୍ତ୍ରଣାରେ ଜଳି ପୋଡୁଛନ୍ତି। ଆମୋନିଆ ଗ୍ୟାସ୍ ପ୍ରଭାବରେ ସୀମାଙ୍କ ଶରୀର ସମ୍ପୂର୍ଣ୍ଣ ପୋଡ଼ିଜଳି ଯାଇଥିବା ବେଳେ ଦୀର୍ଘ ଦିନ ତାମିଲନାଡୁ ରାଜୀବଗାନ୍ଧୀ ମେଡିକାଲ କଲେଜରେ ଜୀବନମରଣ ସହ ସଂଘର୍ଷ କରି ବଚିଂଗଲେ କିନ୍ତୁ ଏକ ପ୍ରକାରର ପଙ୍ଗୁ ହୋଇଯାଇଛନ୍ତି। ସବୁଠାରୁ ବିଡ଼ମ୍ବନାର ବିଷୟ ଝିଅ କେଉଁଠି ଅଛି କେମିତି ଅଛି ଏନେଇ ପରିବାର ଲୋକଙ୍କୁ ଶ୍ରମବିଭାଗ କିଛି ଜଣାଇବା ତ ଦୂର କଥା ପରିବାର ଲୋକଙ୍କୁ ଧରାଛୁଆଁ ବି ଦେଉନଥିଲା। ଅଶିକ୍ଷିତ ବାପା ବହୁ କଷ୍ଟରେ ଖୋଜିଖୋଜି ଯାଇ ଝିଅ ପାଖରେ ପହଚିଂ ଦୀର୍ଘ ୨୮ ଦିନ ରହିବା ପରେ ନିଜସ୍ୱ ଖର୍ଚ୍ଚରେ ଝିଅକୁ ନେଇ ଘରକୁ ଫେରିଥିଲେ। ସୀମା ଠିକ୍ରେ ନିଜ ଗୋଡ଼ରେ ଛିଡ଼ା ହୋଇପାରୁନଥିବା ବେଳେ କଥା ବି କହିପାରୁନାହିଁ। ଘରେ ପହଚିଂବା ପରେ ମଧ୍ୟ ଶ୍ରମବିଭାଗ ଅଧିକାରୀ କିମ୍ବା ପ୍ରଶାସନିକ ଅଧିକାରୀ ସୀମାର ଅବସ୍ଥା ବୁଝିବାକୁ ସମୟ ପାଇଲେ ନାହିଁ। ଶେଷରେ ସୀମାର ବାପା ଜମିବାଡ଼ି ବନ୍ଧା ପକାଇ ତାକୁ କଟକ ବଡ ମେଡିକାଲ ନେଇକି ଗଲେ କିନ୍ତୁ ସେଠାରୁ ମଧ୍ୟ ଅଧା ଚିକିତ୍ସାରୁ ଫେରିଆସିଲେ। ପରେ ଜୁଆଙ୍ଗ ସମ୍ପ୍ରଦାୟର ଜଣେ ସାମାଜିକ କର୍ମୀଙ୍କ ମାଧ୍ୟମରେ ତେଲକୋଇ ବ୍ଲକ ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିବାବେଳେ ନିର୍ଦ୍ଦୟ ଅଧିକାରୀ ସୀମାଙ୍କ ଘରକୁ ନିଜେ ଯାଇନପାରି ଏଇ ଅବସ୍ଥାରେ ଦୀର୍ଘ ୩୦ କି.ମି ଦୂରରୁ ସିମାଙ୍କୁ ତେଲକୋଇ ଡକାଇଲେ। କିନ୍ତୁ ସେଠାରେ ବି ନିରାଶ ହେବାପରେ ବହୁ କଷ୍ଟରେ ସେମାନେ ଆସି ଜିଲ୍ଲା ମୁଖ୍ୟାଳୟରେ ପହଚିଂ ଜିଲ୍ଲାପାଳଙ୍କ ନିକଟରେ ପହଚିଂଲେ। ଛୁଟିରେ ଥିବାରୁ ଜିଲ୍ଲାପାଳଙ୍କ ସହ ଭେଟ କରିନପାରି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଥିଲେ। ପ୍ରଶାସନର ଏପରି ଅବହେଳାକୁ ଜୁଆଙ୍ଗ ସମ୍ପ୍ରଦାୟର ସାମାଜିକକର୍ମୀ ଅତିକଠୋର ଭାଷାରେ ସମାଲୋଚନା କରୁଥିବାବେଳେ ଶ୍ରମ ବିଭାଗ ସମସ୍ତ ମାନବିକତା ହରାଇଥିବା କହିଛନ୍ତି। ଅପରପକ୍ଷେ ଅତିରିକ୍ତ ଜିଲ୍ଲାପାଳ ତାଙ୍କୁ ୧୦,୦୦୦ ଦିଆଯାଇଛି ଓ ଉନ୍ନତ ଚିକିତ୍ସାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। କିନ୍ତୁ ଖାଲି ସୀମା ନୁହଁ ଏପରି ଅନେକ ଯୁବତୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇନପାରି ନିଜ ନିଜ ଘରେ ପଡିରହିଥିବା ବେଳେ ପ୍ରଶାସନ ସେମାନଙ୍କ କଥା ସମ୍ପୂର୍ଣ୍ଣ ପାସୋରି ଦେଇଛି ବୋଲି ଜୁଆଙ୍ଗ ସ୍ୱେଚ୍ଛାସେବୀ ରମାକାନ୍ତ ଜୁଆଙ୍ଗ କହିଛନ୍ତି।

## ମାଲକାନଗିରିରେ ୫୦ ଜଣ ସମ୍ବଳ ଶିକ୍ଷକଙ୍କ ଦିନିକିଆ କର୍ମଶାଳା

ମାଲକାନଗିରି,୨୨/୮(ନି/ପ୍ର): ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରି ଦ୍ୱାରା ଆୟୋଜିତ ଦିନିକିଆ ଜିଲ୍ଲାସ୍ତରୀୟ କର୍ମଶାଳା ଆଜି ପିଏମଶ୍ରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିନ୍ମରଞ୍ଜନ ପାଣିଗ୍ରାହୀ ଯୋଗଦେଇ କର୍ମଶାଳାକୁ ଉଦ୍ଘାଟନ କରିଥିଲେ। ସମ୍ବୋଧନ ପ୍ରସଙ୍ଗରେ ସେ କହିଥିଲେ ଯେ ଗୁଣାତ୍ମକ ଶିକ୍ଷାଦାନ ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମ୍ବଳ ଶିକ୍ଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କ୍ଷେତ୍ର ସ୍ତରରେ ଶିକ୍ଷାର ମାନବୃଦ୍ଧି ପାଇଁ ଶିକ୍ଷକମାନେ ନିଷ୍ଠାର ସହ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, କାଲିମେଳା ବ୍ଲକ୍ ଶିକ୍ଷା ଅଧିକାରୀ ରମେଶ ବାରୋଇ ଏବଂ ମାଲକାନଗିରି ବ୍ଲକ୍ ଶିକ୍ଷା ଅଧିକାରୀ ମମତା ସୋୟ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚୟନିତ ୫୦ ଜଣ ସମ୍ବଳ ଶିକ୍ଷକ, ନୋଡାଲ୍ ପ୍ରଧାନ ଶିକ୍ଷକ, କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ଏବଂ ପ୍ରାଥମିକ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଚଳିତ ଶିକ୍ଷାବର୍ଷରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ଜିଲ୍ଲା, ବ୍ଲକ୍ ଓ କ୍ଲଷ୍ଟର ସ୍ତରୀୟ କାର୍ଯ୍ୟକ୍ରମ — ଯଥା ସୁରଭି, ଶିକ୍ଷଣ ଶିକ୍ଷା ସାମଗ୍ରୀ ମେଳା, ପିଏମଶ୍ରୀ ଉତ୍ସବ, ଦଶମ ଶ୍ରେଣୀ ପାଇଁ ଆସ୍ୱାୟାର, କାନ୍ଥପତ୍ରିକା, ଜ୍ଞାନ କାନ୍ଥ, ସ୍କାଉଟ୍ ଓ ଗାଇଡ୍, କ୍ରୀଡ଼ା ଏବଂ ବିଜ୍ଞାନ ପ୍ରଦର୍ଶନୀ ସମ୍ପର୍କରେ ସମ୍ବଳ ଶିକ୍ଷକମାନଙ୍କୁ ପୁଙ୍ଖାନୁପୁଙ୍ଖ ସୂଚନା ଓ ତାଲିମ ପ୍ରଦାନ କରାଯାଇଥିଲା। ବ୍ଲକ୍ ଓ କ୍ଲଷ୍ଟର ସ୍ତରରେ ଏହି କାର୍ଯ୍ୟକ୍ରମଗୁଡ଼ିକୁ ସୁଚାରୁ ରୂପେ ଆୟୋଜନ ଓ ପରିଚାଳନା କରିବା ପାଇଁ ସମ୍ବଳ ଶିକ୍ଷକମାନଙ୍କୁ ସକ୍ଷମ କରିବା ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଥିଲା। ଶେଷରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଣିଗ୍ରାହୀ ସମସ୍ତ ଅଂଶଗ୍ରହଣକାରୀ ଓ ଆୟୋଜକ ଦଳଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିରଞ୍ଜନ ଷଡ଼ଙ୍ଗୀଙ୍କୁ 'ଆଦର୍ଶ ଗାଡ଼ି ଚାଳକ' ସମ୍ମାନ




କେନ୍ଦୁଝର,୨୨/୮(ନି/ପ୍ର): କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ କେନ୍ଦୁଝର ଷ୍ଟାଡିୟମଠାରେ ୮୦ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଏହି ଜିଲ୍ଲା ସ୍ତରୀୟ ଉତ୍ସବ ଅବସରରେ କେନ୍ଦୁଝର ୱାଟକୋ ଡିଭିଜନର ଗାଡ଼ି ଚାଳକ ଶ୍ରୀ ନିରଞ୍ଜନ ଷଡ଼ଙ୍ଗୀଙ୍କୁ ତାଙ୍କର ନିଷ୍ଠାପର ଓ ଉତ୍ସର୍ଗୀକୃତ ସେବା ପାଇଁ 'ଆଦର୍ଶ ଗାଡ଼ି ଚାଳକ' ଭାବେ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଛି। କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଏବଂ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକରଙ୍କ ଗୌରବମୟ ଉପସ୍ଥିତିରେ ମନ୍ତ୍ରୀ ଶ୍ରୀ ମହାପାତ୍ର, ଶ୍ରୀ ଷଡ଼ଙ୍ଗୀଙ୍କୁ ଏହି ମାନପତ୍ର ଓ ସମ୍ମାନ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଶ୍ରୀ ଷଡ଼ଙ୍ଗୀ ନିଜ ଦାୟିତ୍ୱ ପ୍ରତି ନିଷ୍ଠା, ଆନ୍ତରିକତା ଓ ପ୍ରତିଶ୍ରୁତିବଦ୍ଧତା ଯୋଗୁଁ ଉଚ୍ଚାଧିକାରୀଙ୍କ ଆସ୍ଥାଭାଜନ ହେବା ସହ ସମସ୍ତ ସହକର୍ମୀଙ୍କର ଅତ୍ୟନ୍ତ ଆଦରଣୀୟ ହୋଇପାରିଛନ୍ତି। ତାଙ୍କର ଏହି କର୍ତବ୍ୟପରାୟଣତା, ସାଧୁତା ଓ ସେବା ମନୋଭାବର ସ୍ୱୀକୃତି ସ୍ୱରୂପ ତାଙ୍କୁ ଏହି ଜିଲ୍ଲା ସ୍ତରୀୟ ଶ୍ରେଷ୍ଠ ଆଦର୍ଶ ଚାଳକ ସମ୍ମାନରେ ସମ୍ମାନିତ କରାଯାଇଛି।

## ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବଗାନ୍ଧୀଙ୍କ ୮୨ତମ ଜୟନ୍ତୀକୁ ସଦଭାବନା ଦିବସ ରୂପେ ପାଳନ କଲା ଅନୁଗୋଳ ଜିଲ୍ଲା କଂଗ୍ରେସ



ଅନୁଗୋଳ,୨୨/୮(ନି/ପ୍ର): ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୨ତମ ଜୟନ୍ତୀକୁ ସଦଭାବନା ଦିବସ ରୂପେ ଜିଲ୍ଲା କଂଗ୍ରେସ ଉପସଭାପତି ଗୋପାଳ ଚନ୍ଦ୍ର ନାଥଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଉପସ୍ଥିତ କଂଗ୍ରେସ ନେତାମାନେ ସ୍ୱର୍ଗତ ନେତା ରାଜୀବ ଗାନ୍ଧୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୨ତମ ଜୟନ୍ତୀ ଉପଲକ୍ଷେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ରାଜୀବ ଗାନ୍ଧୀ ଆଧୁନିକ ଭାରତ ବର୍ଷର ନବମ ନିର୍ମାତା ଥିଲେ। ତାଙ୍କର ଦୂରଦୃଷ୍ଟି ଭାରତ ବର୍ଷର ୨୧ବର୍ଷରୁ ୧୮ବର୍ଷକୁ ନାଗରିକମାନଙ୍କୁ ନୂତନ ଭାରତ ଗଠନ ପାଇଁ ସୁଯୋଗ ଦେଇଥିଲେ। ପଚାଂୟତିରାଜ ବ୍ୟବସ୍ଥାରେ ସୁଧାର ଆଣି ତୃଣମୂଳ ସ୍ତରରେ ଲୋକଙ୍କୁ କ୍ଷମତା ଦେଇଥିଲେ। ତାଙ୍କରି ସ୍ୱପ୍ନ ନୂତନ ଶିକ୍ଷାନୀତି ୧୯୮୬ ପ୍ରଚଳନ କରିଥିଲେ, ବିଶେଷ କରି ଖାଉଟିମାନଙ୍କୁ ନିଜର ଅଧିକାର ପାଇଁ ଖାଉଟି ସୁରକ୍ଷା ଆଇନ ପ୍ରଣୟନ କରିଥିଲେ। ଦେଶରେ ଐକ୍ୟବଦ୍ଧ ହୋଇ ଭ୍ରାତୃତ୍ୱଭାବକୁ ଗ୍ରହଣ କରି ଏକ ପ୍ରକୃତ ସାମ୍ୟବାଦ ଚିନ୍ତା ଓ ଚେତନାକୁ ଉଜ୍ଜ୍ଞାପନ କରିଥିଲେ ବୋଲି ବିଭିନ୍ନ ବକ୍ତା ନିଜ ନିଜର ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ଆଜିର ଏହି ସ୍ମୃତି ଚାରଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ତପନ ପ୍ରଧାନ, ଚିନ୍ମରଞ୍ଜନ ନାଏକ, ସହଦେବ ବେହେରା, ବଲବୀର ସିଂ, ବିନୋଦ ମାଝୀ, ନୀଳକଣ୍ଠ ନାଏକ, ରାକେଶ ମିଶ୍ର, ରଶ୍ମିରଞ୍ଜନ ସାହୁ, ବାସୁଦେବ ସାମଲ, ଭଜମନ ଦାସ, ସୁଜିତ ସାହୁ, ପ୍ରଶାନ୍ତ ଦେହୁରୀ, ଅଶୋକ ନାଏକ, ଅବିନାଶ ଦଳବେହେରା, ସଂଗ୍ରାମ ବେହେରା, ସୁଶୀଲ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ।

# ଚୋରି ଓ ଦାଦାବଟି ୬ ମାମଲାରେ ୮ ଅଭିଯୁକ୍ତ ଗିରଫ

ଜୟପୁର,୨୨/୮(ନି/ପ୍ର): ଜୟପୁର ସହରରେ ଚୋରି ଦାଦାବଟି ଭଳି ୧ ମାସ ମଧ୍ୟରେ ୬ଟି ମାମଲା ରୁଜୁ ହୋଇଥିଲା। ୬ଟି ମାମଲାରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ଏନେଇ ଆଜି ଜୟପୁର ଟାଉନ ଥାନାରେ ଏସଡିପିଓ ଅର୍ଚ୍ଚିତା ମିତଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ଜୟପୁର ଜୟନଗର ଚିଲିଗୁଡାର ଆକାଶ ହରିଜନ (୨୦), ବାପୁଜି ନଗରର ଭଗବାନ ଖରା (୩୭), ବାପୁଜି ନଗର ଦେବ ନାୟକ (୫୨), ଗଣେଷ ବେଶ୍ରା(୨୦), ଚନ୍ଦନ ବଡେଇ (୨୯), ଓଡିଆ ମେଦ୍ରି ସାହିର ଅଜୟ ନାୟକ (୨୯) କୁନ୍ଦାରିଗୁଡାର ପ୍ରବିଣ ନାୟକ (୨୦)। ସିସିଟିଭି ଫୁଟେଜ, ମାନବୀୟ ସୂଚନା, ରାତ୍ରି ପେଟ୍ରୋଲିଂ ଆଧାରରେ ପୋଲିସ ଅଭିଯୁକ୍ତ ମାନଙ୍କୁ ଧରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ୨ ସୁନା ଚେନ, ୬ ହଳ ସୁନା କାନଫୁଲ, ଝିକା, ୩ ହଳ ରୁପା ପାଉଞ୍ଜି, ୨ଟି ରୁପା ବକ୍ସ, ୫ଟି ରୁପା କୟନ, ସୁନା ଚୁଡି, ସ୍ମାର୍ଟ ଏଲଇଡି ଟିଭି, କମ୍ପୁଟର, ପମ୍ପ, ପେନେଲ ଟିଭି, ସିଲେଇ ମେଶିନ, ୨ଟି ଛୁରି, ସହ ୬୪୦ ଟଙ୍କା ଜବତ କରିଛି। ମାମଲାର ବିବରଣିରୁ ପ୍ରକାଶ ଯେ, ୨୦.୭.୨୬ ତାରିଖରେ ଜୟପୁର ସୁନାରି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଚୋରି ଅଭିଯୋଗରେ ୨୮୫/୨୬, ଆଦର୍ଶ ନଗରେ ଗତ ୨୮ ତାରିଖରେ କମ୍ପୁଟର ଚୋରି ନେଇ ୨୯୪/୨୬ ମାମଲା ହୋଇଥିଲା। ସେହିପରି ହାନାଗୁଡାରେ ଗତ ୩୧ ତାରିଖରେ ଘର ଭିତରେ ପଶି ୩୦୧/୨୬ରେ ମାମଲା ରୁଜୁ ହୋଇଥିଲା। ସେହିପରି ଲେବର କୋର୍ଟରେ ଏସି ଆଉଡଡୋର ୟୁନିଟ ଗତ ୪ ତାରିଖରେ ଚୋରି ହୋଇଥିବା ନେଇ ୩୦୪/୨୬ ମାମଲା ରୁଜୁ ହୋଇଥିଲା। ଧୋବାସାହିରୁ ସିଲେଇ ମେସିନ ଗତ ୧୪ ତାରିଖରେ ଚୋରି ହୋଇଥିବା ନେଇ ୩୧୪/୨୬ ଅଭିଯୋଗ ହୋଇଥିଲା। ସେହିପରି ପଚାଂନନ ମନ୍ଦିର ଛକ ଠାରେ ଦାଦା ବଟି ଆଦାୟ କରୁଥିବା ନେଇ ଗତ ୧୯ ତାରିଖରେ ଚଢଉ କରିଥିଲା। ୩୧୮ /୨୬ ମାମଲା ରୁଜୁ କରି ୩ ଜଣକୁ ଗିରଫ କରି ୨ଟି ଛୁରି ୬୪୦ ଟଙ୍କା ଜବତ କରିଛି। ଅନୁରୂପ ଭାବେ ଅଭିଯୁକ୍ତ ସଞ୍ଜୟ ସୁନା ନାମରେ ଜୟପୁର ଜୟପୁର ଟାଉନ, ସଦର, ବୋରିଗୁମ୍ମା, ବିସିଂପୁର, କୋଟପାଡ, କୋରାପୁଟ ସଦର, ନବରଙ୍ଗପୁରରେ ୧୫ ବର୍ଷ ହେବ ହତ୍ୟା ଉଦ୍ୟମ, ଲୁଟ, ଡକାୟତି, ଗଞ୍ଜେଇ ଚାଲାଣ ଭଳି ୨୫ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲା ରହିଛି। ଅପରାଧ ନିୟନ୍ତ୍ରଣ ପାଇଁ ଅଭିଯୁକ୍ତ ସଞ୍ଜୟ ସୁନା ନାମରେ (ଏନଏସଏ) ଜାତିୟ ସୁରକ୍ଷା ଆଇନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଷୟ ଏସଡିପିଓ ଅର୍ଚ୍ଚିତା ମିତ୍ତଲ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନିରେ ଟାଉନ ଥାନା ଅଧିକାରି ଉଲ୍ଲସ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟାରେ ଫସି ରହିଥିଲେ ୭୫ ବର୍ଷୀୟା ମା ଏବଂ ଝିଅ
# ରୋଷେଇ ଡ଼ିସ୍‌ରେ ଉଦ୍ଧାର କଲେ ଗାଁ ଯୁବକ



ଦଶରଥପୁର,୨୨/୮(ନି/ପ୍ର): ବନ୍ୟାରେ ଫସି ରହିଥିଲେ ମା ଏବଂ ଝିଅ। ୨ ଦିନ ହେବ ବନ୍ୟା ଜଳ କ୍ରମଶଃ ବୃଦ୍ଧି ପାଇବାରୁ ଦଶରଥପୁର ବ୍ଲକ ଥାଲକୁଡି ପଚାଂୟତ ଦକ୍ଷିଣବନ୍ଧ ଗ୍ରାମର ଜଣେ ୭୫ ବର୍ଷୀୟା ବୃଦ୍ଧା ଭାରତୀ ଦାସ ମା ଏବଂ ତାଙ୍କ ଝିଅ ରୀନା ବାରିକ ଘରୁ ବାହାରି ଆସି ପାରିନଥିଲେ। ଏଣୁ ୨ ଦିନ ହେବ ସେହି ଘରେ ଫସି ରହିଥିଲେ। ଖବର ପାଇବା ପରେ ଗାଁର ଯୁବକମାନେ ଘରେ ରହିଥିବା ମା ଝିଅଙ୍କୁ ଉଦ୍ଧାର କରିଛନ୍ତି। ଗାଁ ଯୁବକମାନେ ରୋଷେଇ ଡ଼ିସ ସାହାଯ୍ୟରେ ତାଙ୍କୁ ଉଦ୍ଧାର କରି ପଡୋଶୀଙ୍କ ଘରେ ରଖିବା ସହିତ ଖାଇବା, ରହିବା ବ୍ୟବସ୍ଥା କରିଛନ୍ତି। ଦକ୍ଷିଣବନ୍ଧ ଗ୍ରାମର ୧୨ ନମ୍ବର ୱାର୍ଡମେମ୍ବର ( ଧିରେନ୍ଦ୍ର ଦାସ), ସଞ୍ଜୟ ଦାସ, ସ୍ୱପ୍ନସାଗର ଦାସ, କୁନେନ୍ଦ୍ର ଦାସ, ଶ୍ରୀକାନ୍ତ ପାଣ୍ଡବ, ଶ୍ରୀକାନ୍ତ ସାମଲ ପ୍ରମୁଖ ସହଯୋଗୀ କରିଥିଲେ। ଯୁବକମାନଙ୍କ ଏଭଳି କାର୍ଯ୍ୟକୁ ସ୍ଥାନୀୟ ଅଂଚଳରେ ପ୍ରଶଂସା କରାଯାଇଛି।

ଉତ୍କଳ ସମାଚାର

## ସମ୍ପାଦକୀୟ...

ରବିବାର ୨୩ ଅଗଷ୍ଟ ୨୦୨୬

# ଅ-ପରୀକ୍ଷିତ

## ଶ୍ୟାମାପ୍ରସାଦ ଚୌଧୁରୀ



"ପରୀକ୍ଷିତ ନ ହୋଇଥିବା ଜୀବନ ବଞ୍ଚିବା ଯୋଗ୍ୟ ନୁହେଁ।" ସକ୍ରେଟିସ୍‌ଙ୍କ ଏ ଧାରଣା କେବଳ ମଣିଷର ବିଜ୍ଞତାକୁ ନୁହେଁ, ବିଶ୍ୱାସକୁ ମଧ ପରୀକ୍ଷା କରିବାକୁ ଚାହିଁଥିଲା। ଆଜି ଆମ ପାଇଁ ସବୁଠାରୁ ବଡ଼ ପ୍ରଶ୍ନ ହେଇଯାଇଛି, ପରୀକ୍ଷାର ପ୍ରଣାଳୀ ବା ପଦ୍ଧତିକୁ ବଦଳେଇ ହେବ କି? କିନ୍ତୁ, ଶିକ୍ଷା ବୋଲି ଆମେ ଯାହା ଏ ଯାଏଁ ବୁଝିଛୁ, ସେଇ ବୁଝିବାକୁ କେବେ ପରୀକ୍ଷା କରିଛୁ କି ? ଗୋଟେ ଭବ୍ୟ ଭ୍ରମରେ ଆମେ ବଞ୍ଚିଆସିଛୁ। ବିଦ୍ୟାଳୟକୁ ଶିକ୍ଷା, ପରୀକ୍ଷାକୁ ଜ୍ଞାନ, ପ୍ରମାଣପତ୍ରକୁ ଯୋଗ୍ୟତା ଓ ଅର୍ଥୋପାର୍ଜନକୁ ସଫଳତା ବୋଲି ଧରି ନେଇଛୁ। ଏମିତି ଧରିଛୁ ଯେ ଛାଡ଼ିବା ପାଇଁ ନାରାଜ। କୁଆଡ଼େ, ବ୍ରାଜିଲ୍‌ର ମାଙ୍କଡ଼-ଧରାଳିମାନେ ସରୁ ବେକ ଥିବା ବୋତଲ ଭିତରେ ବାଦାମ ମଞ୍ଜି କିଛି ରଖି ମାଙ୍କଡ଼କୁ ପ୍ରଲୋଭିତ କରି, ଧରନ୍ତି। ଥରେ ହାତ ଭର୍ତ୍ତି କରି ବାଦାମକୁ ଧରିବା ପରେ ମାଙ୍କଡ଼ ଆଉ ମୁଠାକୁ ଖୋଲିବାକୁ ଚାହେଁ ନାହିଁ, ଏଣୁ ନିଜ ହାତକୁ ନିଜେ ବାହାର କରିପାରେ ନାହିଁ। ବାଦାମର ସେଇ ବୋତଲ ହେଇଯାଏ ଗୋଟେ ଫନ୍ଦା। ମୋ ମତରେ, ଆମେ ବେଶୀ କିଛି ବିବର୍ତ୍ତିତ ବି ହେଇନେ। ୧୯୭୧ରେ ଅଷ୍ଟ୍ରିଆର ଜଣେ କାଥଲିକ୍ ପାଦ୍ରି ଓ ଦାର୍ଶନିକ ଇଭାନ ଇଲିଚ ଗୋଟେ ବହୁ ଚର୍ଚ୍ଚିତ ଓ ବହୁ ବିବାଦିତ ବହି 'ଡିସ୍କୁଲିଙ୍ଗ୍ ସୋସାଇଟି' (ସମାଜରୁ ବିଦ୍ୟାଳୟ ବ୍ୟବସ୍ଥା ହଟେଇବା) ଲେଖି କହିଲେ, ବିଦ୍ୟାଳୟ ପରି ଗୋଟେ ନିଷ୍ପ୍ରାଣ ଅନୁଷ୍ଠାନ ମଣିଷକୁ ଶିକ୍ଷା ଦେବାର ପରମ ଓ ପ୍ରକୃତ ବ୍ୟବସ୍ଥା ହେଇ ନପାରେ। ଏଣୁ, ତାକୁ ପ୍ରକାରାନ୍ତରେ ଜାବୁଡ଼ି ନଧରି, ବରଂ ମୁଠା ଖୋଲି ସେଥିରୁ ମୁକ୍ତି ପାଇବା ଦରକାର। ଇଭାନ ଇଲିଚ ନାମଧାରୀ ଜଣେ ସତ ଓକିଲର ଅନୁଭବ ଉପରେ ଆଧାରିତ, ଟଲଷ୍ଟୟଙ୍କ ପ୍ରସିଦ୍ଧ ଉପନ୍ୟାସିକା 'ଦ ଡେଥ ଅଫ ଇଭାନ ଇଲିଚ'ରେ ନାୟକ କିନ୍ତୁ ଜଣେ ଜଜ୍। ମୃତ୍ୟୁକୁ ପାଖରୁ ଦେଖି ଜୀବନର ଅର୍ଥକୁ ଶିଖୁଛନ୍ତି। ଜଜ୍ ପଚାରୁଛନ୍ତି, ଆମେ ଠିକ୍ ଭାବରେ ଜିଇଛୁ ତ ? ଜଜ୍ ସେଇ ସମସ୍ତ ବ୍ୟବସ୍ଥା ସହ ଅସହମତ, ଯାହା ବାହ୍ୟ ସଫଳତାକୁ ଅନ୍ତର୍ନିହିତ ସାର୍ଥକତା ସହ ସମାନ କରି ଦେଖେ। ଦୁଇ ଇଭାନ ଇଲିଚଙ୍କ କଥା ବସ୍ତୁତଃ, ଏକ। ମୁଁ କିଏ ବା କ'ଣ, କ'ଣ ମୋର ଉଦ୍ଦେଶ୍ୟ, ମୁଁ ଏଠି କାହିଁକି ଅଛି, ଏମିତି ନାନା କଥାର ପ୍ରଶ୍ନ-ପତ୍ର କାହିଁ କୋଉ କାଳୁ 'ଲିକ୍' ହେଇ ଆସିଛି ! ଉତ୍ତର ନାହିଁ। ପରୀକ୍ଷା ବି କାହିଁ? ଆମେ ସଭିଏଁ କ'ଣ ଅ-ପରୀକ୍ଷିତ ? ବିଦ୍ୟାଳୟକୁ ଉଠେଇଦେବା ପକ୍ଷରେ ମୁଁ କେବେ ନଥିଲି ବା ଏବେ ବି ନାହିଁ। ନା ମୁଁ ଭାବିଛି, ସଂସାର ଆହୁରି ବିଦ୍ୟାଳୟର କୋଠରିମୟ ହେଉ। କାରଣ, ନିଠେଇକରି ଦେଖିଲେ, ସବୁଥିରୁ ଶିଖିହୁଏ। ଏଣୁ, ସବୁକିଛି ବିଦ୍ୟାଳୟ। ଥରେ ଥରେ, ଏକଥା ଭୁଲିଯାଉ ଯେ, କିଛି ପରୀକ୍ଷା କରାଯାଏ, କେବଳ ଆମକୁ ଜଣେଇବା ପାଇଁ ଯେ, ଆମେ ପାସ୍ କରିଛୁ, କାରଣ ସେମିତିରେ ସମୁଦାୟ ସମାଜ ହିଁ ପାସ୍ କରିଥାଏ। ଆଉ କିଛି ପରୀକ୍ଷାର ଗୋପନ ଓ ସମ୍ଭବତଃ ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଆମ ଭିତରୁ ଅନେକଙ୍କୁ ଫେଲ୍ କରେଇବା। କାରଣ ପରବର୍ତ୍ତୀ ପର୍ଯ୍ୟାୟର ଶିକ୍ଷା ବା ସୁବିଧା ବା ଇଚ୍ଛାପୂର୍ତ୍ତି ପାଇଁ, ଉପଲବ୍ଧ ନଥାଏ ପର୍ଯ୍ୟାପ୍ତ ପରିମାଣର ବ୍ୟବସ୍ଥା। ଏଣେ ନିଜେ ଫେଲ୍ ହେଇଛି ବୋଲି, କୌଣସି ବ୍ୟବସ୍ଥା ମାନିବାକୁ ରାଜି ନୁହେଁ। ଡେଭିଡ୍ ଲେବାରିଙ୍କ ବହି 'ସମୱାନ ହାଜ ଟୁ ଫେଲ' (କାହାକୁ ଜଣକୁ ଫେଲ୍ ହେବାକୁ ପଡ଼ିବ) ତ ଏଇକଥା ବୁଝାଏ ଯେ ଗୋଟେ କଥା ପାଇଁ, ଜଣେ ପାସ୍ ହେବ ତ, ଅନ୍ୟ କେହି ନିଶ୍ଚୟ ଫେଲ୍ ହେବ। ଆମେ ମାନୁ ବା ନମାନୁ। କୌଣସି ପରୀକ୍ଷା ଯଦି ଗୋଟେ ଫଳ ପାଇଁ ଶହେ ପରୀକ୍ଷାର୍ଥୀଙ୍କର ପ୍ରତିଯୋଗିତା କରିବ, ଅନେଶତ ଜଣଙ୍କୁ ଯେ ଅସଫଳ ହେବାକୁ ହେବ, ଏକଥା ଜଣେ ଅ-ପରୀକ୍ଷକ ଓ ଅ-ପରୀକ୍ଷାର୍ଥୀ ମଧ ବୁଝିଥାଏ। ପରୀକ୍ଷା ହୁଏ ତ ଉତ୍ତରକୁ ଗଣେ ଓ ଗୁଣେ। ଜୀବନ, ପ୍ରଶ୍ନକୁ ଭିଣେ। ପ୍ରମାଣପତ୍ର ଥରେ ଥରେ ଏମିତି ଗୋଟେ ଚାବି ହେଇଯାଏ ଯେ, ପ୍ରବେଶ ଦ୍ୱାରରେ ଝୁଲୁଥିବାର ଦେଖାଯାଏ, ଏକବାରେ ଅନ୍ୟ ଗୋଟେ ତାଲା। ଏବେ ପ୍ରଶ୍ନ ଉଠେ, ତାଲାକୁ ଭାଙ୍ଗିବି ନା ଦରଜାକୁ? ଚାବିକୁ ବଦଳେଇ ଦେଖିବି ନା ନୂଆ ଚାବିଟିଏ ହିଁ ତିଆରିବି ? ହାତୁଡ଼ି ଖୋଜିବି ନା ତାଲା-ଖୋଲିବା ମିସ୍ତ୍ରୀକୁ? ଆମର ପ୍ରଥମ କାମ, ପରୀକ୍ଷାର ନୁହେଁ, ପଦ୍ଧତିକୁ ସଜାଡ଼ିବା। ଚାବିକୁ - ପ୍ରକାରାନ୍ତରେ ନିଜକୁ - ପରୀକ୍ଷା କରିବାର ଉପାୟ ବି ଖୋଜିବା ଏବଂ ସେ ପରୀକ୍ଷାର ସଂଚାଳନା କଥା ଆଉ ଥରେ ଏବଂ ଅଲଗା ପ୍ରକାରେ ଭାବିବା। ଭୁଲ୍ ? ପାଠ୍ୟକ୍ରମଠାରୁ ଭୁଲ୍ ? ବିଶ୍ୱାସ ଅଧିକ ବିପଜ୍ଜନକ। ବୁଝିଥିବା ବହିର ଅପାଠ୍ୟକୁ ସଂଶୋଧନ କରିବା ସହଜ; ନବୁଝି ମୁଣ୍ଡ ଭିତରେ 'ପାଳିଥିବା' ବୌଦ୍ଧିକ ଚିନ୍ତାଧାରାକୁ ବଦଳେଇବା କଷ୍ଟ। ଇତିହାସ କହେ, ପ୍ରତ୍ୟେକ ବଡ଼ ପରିବର୍ତ୍ତନ ପ୍ରଥମେ ବିତର୍କିତ ମନରେ ଘଟିଛି, ବିକୃତ ମନରେ ନୁହେଁ। ବାହାରେ ଶିକ୍ଷା ସଂପର୍କରେ, କିଏ କେମିତି ଚିନ୍ତା କରିଛି, ସେକଥାକୁ କ'ଣ ଆମ ମନରେ ଅବିକଳ ଥୋପି ଦିଆଯାଇପାରେ ? ମୋ ମତରେ, ଚେତନାର ଚୁଲି ଓ ଚିନ୍ତାର ନିଆଁ, ବାହାରେ ଯାହା, ଭିତରେ ବି ସେଇଆ। ଶିକ୍ଷାକୁ ଗୋଟେ ସୁସ୍ୱାଦୁ ବ୍ୟଞ୍ଜନ ବୋଲି ମନେ କଲେ, ଯିଏ ବି ଯେଉଁଠାରୁ, ଯେଉଁ ରେସିପି ଦେଉନା କାହିଁକି, ଆମେ ନିଜେ ତ ଏଠି ତାକୁ ରାନ୍ଧିବା ଅଥବା ଆଗରୁ ନିଜ ପ୍ରକାରେ ରାନ୍ଧିସାରି ଫ୍ରିଜ୍ ?ରେ ରଖିଥିଲେ, କାଢ଼ି ଟିକେ ନିଶ୍ଚୟ ଗରମ କରିବା। ଆମେ ତାକୁ ନିଜେ ବି ବାଢ଼ିବା। କେବଳ ଭାବୁଛି, ଅନ୍ୟ କାହାକୁ, ବିଶେଷକରି ପିଲାଙ୍କୁ ପରସିବା ଆଗରୁ, ଆମର ଚମତ୍କାର ରାନ୍ଧୁଣିଆ କେତେଜଣ, କେମିତି କେଜାଣି, ଥରେ ନିଜେ ଟିକେ ଚାଖିପାରନ୍ତେନି !

# ନୂତନ ମହାକାଶ ଦୂରବୀକ୍ଷଣ

ମାନବ ସଭ୍ୟତାର ଆଦିକାଳରୁ ମହାବିଶ୍ୱ ବା ବିଶ୍ୱବ୍ରହ୍ମାଣ୍ଡର ଉତ୍ପତ୍ତି, ଗଠନ ଓ ଭବିଷ୍ୟତ ସମ୍ପର୍କରେ ଜାଣିବା ପାଇଁ କୌତୂହଳୀ ମଣିଷ ସଦା ଆଗ୍ରହୀ । ଆଧୁନିକ କାଳରେ ବିଜ୍ଞାନର ଅଗ୍ରଗତି ସହିତ ମଣିଷ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ତିଆରି କରିଛି, ଯାହା ମାଧ୍ୟମରେ ଅସଂଖ୍ୟ ନକ୍ଷତ୍ର, ନକ୍ଷତ୍ରପୁଞ୍ଜ (ଗାଲାକ୍ସି), ଗ୍ରହ, ଗ୍ରହାଣୁ ବିଷୟରେ ନୂଆ ନୂଆ ତଥ୍ୟ ଜାଣିବା ସମ୍ଭବ ହୋଇଛି । ବିଂଶ ଶତାବ୍ଦୀର ଶେଷଭାଗରେ 'ହବଲ୍ ସ୍ପେଶ ଟେଲିସ୍କୋପ' ଓ ଏକବିଂଶ ଶତାବ୍ଦୀରେ 'ଜେମସ ୱେବ ସ୍ପେଶ ଟେଲିସ୍କୋପ' ଜ୍ୟୋତିର୍ବିଜ୍ଞାନରେ ବିପ୍ଳବ ଆଣିଛି । ଏହି ଧାରାରେ ଆମେରିକୀୟ ମହାକାଶ ସଂସ୍ଥା 'ନାସା'ର ଆଉ ଏକ ଯୁଗାନ୍ତକାରୀ ପ୍ରକଳ୍ପ ହେଉଛି 'ନାନ୍‌ସି ଗ୍ରେସ ରୋମାନ ସ୍ପେଶ ଟେଲିସ୍କୋପ' । ନାନ୍ସି ଗ୍ରେସ ରୋମାନ (୧୯୨୫-୨୦୧୮) ଥିଲେ 'ନାସା'ର ପ୍ରଥମ ପ୍ରଧାନ ଜ୍ୟୋତିର୍ବିଜ୍ଞାନୀ ଓ ଆଧୁନିକ ମହାକାଶଭିତ୍ତିକ ଜ୍ୟୋତିର୍ବିଜ୍ଞାନର ଅନ୍ୟତମ ପଥିକୃତ୍ । ସେ ଏପରି ଏକ ସମୟରେ ଗବେଷଣା ଆରମ୍ଭ କରିଥିଲେ, ଯେତେବେଳେ ବିଜ୍ଞାନ ଜଗତରେ ନାରୀମାନଙ୍କର ଅଂଶଗ୍ରହଣ ଥିଲା ସୀମିତ । ବିଭିନ୍ନ ବାଧାବିଘ୍ନକୁ ଅତିକ୍ରମ କରି ସେ ମହାକାଶରେ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରିବାର ପ୍ରୟୋଜନୀୟତାକୁ ବାସ୍ତବ ରୂପ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । 'ହବଲ୍ ଦୂରବୀକ୍ଷଣ ଯନ୍ତ୍ର'ର ବାସ୍ତବାୟନରେ ତାଙ୍କର ନେତୃତ୍ୱ ଓ ଦୂରଦର୍ଶିତା ପାଇଁ ତାଙ୍କୁ 'ହବଲ୍ର ଜନନୀ' ନାମରେ ଅଭିହିତ କରାଯାଏ । ତାଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ପାଇଁ ନାସା କର୍ତ୍ତୃପକ୍ଷ ୨୦୨୦ରେ ତାଙ୍କ ନାମରେ ଏହି ନୂଆ ଟେଲିସ୍କୋପର ନାମକରଣ କରିଛନ୍ତି । ଏହି ଦୂରବୀକ୍ଷଣର ପ୍ରଧାନ ଦର୍ପଣର ବ୍ୟାସ ୨.୪ ମିଟର, ଯାହା ପ୍ରାୟ 'ହବଲ୍ ଦୂରବୀକ୍ଷଣ' ସହିତ ସମାନ । ତେବେ ଏହାର ପ୍ରକୃତ ଶକ୍ତି ଏଥିରେ ଥିବା ଅତ୍ୟାଧୁନିକ ଯନ୍ତ୍ରପାତିରେ ନିହିତ ଅଛି । ପ୍ରାୟ ୮୨ କେଜି ଓଜନର ଏହି ଟେଲିସ୍କୋପଟିର ସବୁଠୁ ବଡ଼ ବୈଶିଷ୍ଟ୍ୟ ହେଲା ଏହାର ଅଭୂତପୂର୍ବ ପ୍ରଶସ୍ତ ଦୃଷ୍ଟିକ୍ଷେତ୍ର । 'ୱାଇଡ ଫିଲ୍ଡ ଉପକରଣ' ଏହାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ଯନ୍ତ୍ର । ଏଥିରେ '୨୮୮ ମେଗାପିକ୍ସେଲର ୱାଇଡ ଫିଲ୍ଡ କ୍ୟାମେରା' ଓ ଗୋଟିଏ 'କରୋନାଗ୍ରାଫ' ଅଛି, ଯାହା ସିଧାସଳଖ ବହିର୍ଗ୍ରହ (ଏକ୍ସୋପ୍ଲାନେଟ ବା ବହିଃସୌରଜାଗତିକ ଗ୍ରହ)ର ଛବି ଉତୋଳନ କରିପାରିବ । ଏହା ମାଧ୍ୟମରେ ଏହି ଦୂରବୀକ୍ଷଣ ହବଲ୍ ତୁଳନାରେ ପ୍ରାୟ ୧୦୦ ଗୁଣା ଅଧିକ ମହାକାଶ-ଅଞ୍ଚଳ ଏକାଠି ପର୍ଯ୍ୟବେକ୍ଷଣ କରିପାରିବ । ତେଣୁ ଅଳ୍ପ ସମୟରେ ଅଜସ୍ର ନକ୍ଷତ୍ର, ଗ୍ୟାଲାକ୍ସି ଓ ଅନ୍ୟାନ୍ୟ ମହାଜାଗତିକ ବସ୍ତୁର ତଥ୍ୟ ସଂଗ୍ରହ ଏହାଦ୍ୱାରା ସମ୍ଭବ ହେବ । କୌଣସି ନକ୍ଷତ୍ରର ତୀବ୍ର ଆଲୋକ ତା' ଚାରିପାଖରେ ଥିବା କ୍ଷୀଣ ଗ୍ରହଗୁଡ଼ିକୁ ଦେଖିବାରେ ବାଧା ଦିଏ । ଏଥିରେ ଥିବା 'କରୋନାଗ୍ରାଫ ଯନ୍ତ୍ର' ସେହି ଉଜ୍ଜ୍ୱଳ ଆଲୋକକୁ ଅଢୁଆଳ କରିପାରିବ, ତେଣୁ ବୈଜ୍ଞାନିକମାନେ ବହିର୍ଗ୍ରହର ଚିତ୍ର ଉତୋଳନ କରି ସେଗୁଡ଼ିକର ବାୟୁମଣ୍ଡଳ ସମ୍ପର୍କିତ ଗବେଷଣା କରିପାରିବେ । ଭବିଷ୍ୟତରେ ଆହୁରି ଉନ୍ନତ ଗ୍ରହ-ଅନୁସନ୍ଧାନ ପ୍ରଯୁକ୍ତି ପାଇଁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ ପାହାଚ ଭାବେ ବିବେଚନା କରାଯାଉଛି । 'କୃଷ୍ଣ ଶକ୍ତି (ଡାର୍କ ଏନାର୍ଜି)' ଓ 'କୃଷ୍ଣ ପଦାର୍ଥ (ଡାର୍କ ମ୍ୟାଟର)' ମହାବିଶ୍ୱର ଦୁଇ ଅଦୃଶ୍ୟ ଉପାଦାନ । ଅନେକ ପରୀକ୍ଷଣରୁ ଏହାର ପ୍ରଭାବ ଜାଣି ହୋଇଛି । କୁହାଯାଉଛି, ୨୬ ଶତାଂଶ ହେଲା 'ଡାର୍କ ମ୍ୟାଟର' ଆଉ ପ୍ରାୟ ୭୦ ଶତାଂଶ ହେଉଛି 'ଡାର୍କ ଏନାର୍ଜିର । ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ମହାବିଶ୍ୱର ସମ୍ପ୍ରସାରଣ ଧୀରେ ନୁହେଁ, କ୍ରମଶଃ ଦ୍ରୁତ ହେଉଛି । ଏହି ତ୍ୱରିତ ପ୍ରସାରଣର କାରଣ ଭାବେ 'ଡାର୍କ ଏନାର୍ଜି' କଥା କୁହାଯାଉଛି । ମାତ୍ର ଏହାର ପ୍ରକୃତ ସ୍ୱରୂପ କ'ଣ ତାହା ଏଯାଏଁ ଅଜଣା । 'ରୋମାନ ଟେଲିସ୍କୋପ' କୋଟି କୋଟି ଗାଲାକ୍ସିକୁ ପର୍ଯ୍ୟବେକ୍ଷଣ କରି ମହାବିଶ୍ୱର ପ୍ରସାରଣ ଇତିହାସକୁ ବିଶ୍ଳେଷଣ କରିବ । ଏହାଦ୍ୱାରା 'ଡାର୍କ ଏନାର୍ଜି'ର ପ୍ରକୃତି ବିଷୟରେ ବୈଜ୍ଞାନିକମାନେ ଆହୁରି ଠିକ୍ ଧାରଣା ପାଇବାର ଆଶା କରୁଛନ୍ତି । ସେହିପରି ମହାବିଶ୍ୱର ଅଧିକାଂଶ ବସ୍ତୁତ୍ୱ ଦୃଶ୍ୟ ନୁହେଁ । ଏହା ହେଉଛି 'ଡାର୍କ ମ୍ୟାଟର' । ଏହା ଆଲୋକ ବିକିରଣ ବା ପ୍ରତିଫଳନ କରେନାହିଁ, ତେଣୁ ଏହାକୁ ପ୍ରତ୍ୟକ୍ଷ କରିହୁଏନାହିଁ । ରୋମାନ ଦୂରବୀକ୍ଷଣ 'ମହାକର୍ଷୀୟ ଲେନ୍ସିଂ ପଦ୍ଧତି' ବ୍ୟବହାର କରି 'ଡାର୍କ ମ୍ୟାଟର'ର ଅବସ୍ଥାନ ଓ ବିସ୍ତାର ନିର୍ଣ୍ଣୟ କରିବ । ଏହା ଫଳରେ ମହାବିଶ୍ୱର ବୃହତ ଗଠନ ବା ସଂରଚନା ସମ୍ପର୍କରେ ନୂଆ ତଥ୍ୟ ମିଳିବ । ବର୍ତ୍ତମାନ ସମୟରେ ଅନେକ ବହିଃଗ୍ରହ ଆବିଷ୍କୃତ ହୋଇଛି । ତେବେ ପୃଥିବୀ ପରି କ୍ଷୁଦ୍ର ଓ ଦୂରବର୍ତ୍ତୀ ଗ୍ରହକୁ ଠାବକରିବା ଏବେ ମଧ କଷ୍ଟସାଧ । ରୋମାନ ସ୍ପେଶ ଟେଲିସ୍କୋପ 'ମହାକର୍ଷୀୟ ମାଇକ୍ରୋଲେନ୍ସିଂ ପ୍ରଯୁକ୍ତି' ସାହାଯ୍ୟରେ ଆହୁରି ଅଧିକ ଏହି ଏକ୍ସୋପ୍ଲାନେଟ ଆବିଷ୍କାର କରିପାରିବ । ଏହି ପଦ୍ଧତିରେ ହୁଏତ ପୃଥିବୀ ପରି ସମ୍ଭାବ୍ୟ ବାସଯୋଗ୍ୟ ଗ୍ରହ ଚିହ୍ନଟ କରିହେବ । ବିଜ୍ଞାନୀମାନଙ୍କର ଧାରଣା, ଏହି ଦୂରବୀକ୍ଷଣ ପ୍ରତିବର୍ଷ ୧୦୦ଟିରୁ ବେଶି 'ଟାଇଡାଲ ଡିଜରାପଶନ ଇଭେଣ୍ଟ' (କୃଷ୍ଣଗହ୍ୱରର ପ୍ରବଳ ମହାକର୍ଷଣ ବଳ ଯୋଗୁଁ ଏକ ନକ୍ଷତ୍ର ଛିନ୍ନଭିନ୍ନ ହେବା ଘଟଣା) ଚିହ୍ନଟ କରିପାରିବ, ଯାହା 'ସୁପାର ମାସିଭ ବ୍ଲାକ ହୋଲ' (ଅତି ବସ୍ତୁତ୍ୱବିଶିଷ୍ଟ କୃଷ୍ଣଗହ୍ୱର)ର ଉତ୍ପତି ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେବ । ରୋମାନ ଦୂରବୀକ୍ଷଣକୁ ପୃଥିବୀଠାରୁ ପ୍ରାୟ ୧୫ଲକ୍ଷ କିଲୋମିଟର ଦୂରରେ ସୂର୍ଯ୍ୟ-ପୃଥିବୀ ସିଷ୍ଟେମର 'ଏଲ୨(ଲାଗରାଞ୍ଜ-୨)' ବିନ୍ଦୁରେ ସ୍ଥାପନ କରାଯିବ । ମହାକାଶଭିତିକ ଭାରତର ପ୍ରଥମ ସୌର ପର୍ଯ୍ୟବେକ୍ଷଣାଗାର ଆଦିତ୍ୟ-ଏଲ୧'ର ଉତ୍କ୍ଷେପଣ ସମୟରେ ଲାଗରାଞ୍ଜ ବିନ୍ଦୁ ବିଷୟରେ ଅନେକ ଆଲୋଚନା ହେଉଥିଲା, ବିଜ୍ଞାନପ୍ରେମୀମାନଙ୍କର ଏହା ମନେ ଥିବ । ତେବେ ଆଦିତ୍ୟ ମିଶନ ସୌର ବାୟୁମଣ୍ଡଳକୁ ଅଧ୍ୟୟନ ପାଇଁ ଉଦ୍ଦିଷ୍ଟ ଥିବାରୁ ଏହାକୁ ଏଲ-୧ ବିନ୍ଦୁରେ ସ୍ଥାପନ କରାଯାଇଛି । ଆଉ ମହାକାଶର ଗଭୀରତମ ପ୍ରଦେଶକୁ ପର୍ଯ୍ୟବେକ୍ଷଣ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ରୋମାନ ଟେଲିସ୍କୋପକୁ ଏଲ-୨ ବିନ୍ଦୁରେ ସ୍ଥାପନ କରାଯିବ । ଏହି ଅଞ୍ଚଳରେ 'ଜେମସୱେବ ସ୍ପେଶ ଟେଲିସ୍କୋପ' ମଧ କାର୍ଯ୍ୟ କରୁଛି । ଏହି ଅବସ୍ଥାନକୁ ବଛା ଯାଇଥାଏ, କାରଣ ଏଠାରେ ସୂର୍ଯ୍ୟ, ପୃଥିବୀ ଓ ଚନ୍ଦ୍ରର ଆଲୋକ ଓ ଉତାପର ପ୍ରଭାବ ଖୁବ୍ କମ୍ ଥାଏ । ଦୂରବୀକ୍ଷଣ ଯନ୍ତ୍ର ସ୍ଥିରଭାବେ ଦୀର୍ଘ ସମୟ ଗୋଟିଏ ଦିଗରେ ପର୍ଯ୍ୟବେକ୍ଷଣ କରିପାରେ । ଜାଳେଣିର ବ୍ୟବହାର କମ୍ ହୁଏ ଓ ପୃଥିବୀ ସହିତ ଯୋଗାଯୋଗ ସହଜ ହୁଏ । 'ରୋମାନ ଦୂରବୀକ୍ଷଣ'ରେ ଉନ୍ନତ ସେନ୍ସର, ଉଚ୍ଚ କ୍ଷମତାସମ୍ପନ୍ନ ଡିଟେକ୍ଟର, ଅତ୍ୟାଧୁନିକ କମ୍ପ୍ୟୁଟର ବ୍ୟବସ୍ଥା ଅଛି । ଏଥିରେ ଉନ୍ନତ ତଥ୍ୟ ବିଶ୍ଳେଷଣ ପ୍ରଯୁକ୍ତି ବ୍ୟବହାର କରାହୋଇଛି । ଏହା ଯେଉଁ ବିପୁଳ ପରିମାଣର ବୈଜ୍ଞାନିକ ତଥ୍ୟ ପ୍ରତିଦିନ ପୃଥିବୀକୁ ପଠେଇବ ତାହାର ବିଶ୍ଳେଷଣରେ କୃତ୍ରିମ ମେଧାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ବର୍ତ୍ତମାନ ଏହି ସ୍ପେଶ ଟେଲିସ୍କୋପ ତା'ର ଐତିହାସିକ ଉତକ୍ଷପଣର ମାତ୍ର କେଇ ସପ୍ତାହ ପୂର୍ବରୁ ଫ୍ଲୋରିଡାର 'କେନେଡି ସ୍ପେଶ ସେଣ୍ଟର'ରେ ପ୍ରସ୍ତୁତିର ଅନ୍ତିମ ପର୍ଯ୍ୟାୟରେ ଅଛି । 'ମହାବିଶ୍ୱର ନୂତନ ଚକ୍ଷୁ' ନାମରେ ପରିଚିତ ଏହି ଟେଲିସ୍କୋପ ଆଗାମୀ ୩୦ ଅଗଷ୍ଟ, ୨୦୨୬ରେ ସ୍ପେସଏକ୍ସର 'ଫାଲକନ ହେଭି ରକେଟ୍' ଦ୍ୱାରା ଉତ୍‌କ୍ଷେପଣ କରାଯିବା କଥା ସ୍ଥିର ହୋଇଛି । ମୂଳତଃ, ୨୦୨୭ର ମେ' ମାସ ମଧ୍ୟରେ ଉତ୍‌କ୍ଷେପଣର କଥା ଥିଲା । ମାତ୍ର ପ୍ରଯୁକ୍ତିବିଦ୍ ମାନେ ଅଭୂତପୂର୍ବ ଗତିରେ କାର୍ଯ୍ୟ ଶେଷ କରିଛନ୍ତି ଓ ଉତ୍‌କ୍ଷେପଣର ଧାର୍ଯ୍ୟ ସମୟକୁ ପ୍ରାୟ ୯ମାସ ଆଗେଇ ଆଣିଛନ୍ତି । ସମ୍ପ୍ରତି ଏହାକୁ ମେରିଲାଣ୍ଡର 'ଗଡାର୍ଡ ସ୍ପେଶ ଫ୍ଲାଇଟ ସେଣ୍ଟର'ରୁ ଫ୍ଲୋରିଡାକୁ ଆଣି 'ପେଲୋଡ ହାଜାର୍ଡାସ ସାର୍ଭିସିଂ ଫାସିଲିଟି'ରେ ରଖାଯାଇଛି । ପାନ୍ଥିୟନ ନାମରେ ବିଶେଷ ପ୍ଲାଟଫର୍ମ ସ୍ଥାପନ କରି ଏହାର ସୋଲାର ପାନେଲ, ତାପୀୟ ଆବରଣ ଓ ଜାଳେଣି ଟାଙ୍କି ଭଳି ଗୁରୁତ୍ୱପୂର୍ଣ୍ଣ ଉପାଦାନର ପରୀକ୍ଷା କରାଯାଉଛି । ଏହି ନୂତନ 'ନାନ୍‌ସି ଗ୍ରେସ ରୋମାନ ସ୍ପେଶ ଟେଲିସ୍କୋପ' ତା'ର ପୂର୍ବବର୍ତ୍ତୀ 'ହବଲ' ଓ 'ଜେମସ ୱେବ' ମହାକାଶ ଦୂରବୀକ୍ଷଣର ପରିପୂରକ ଭାବେ କାର୍ଯ୍ୟ କରିବ । ଅନନ୍ତ ମହାକାଶର ଗଭୀରତମ ଗର୍ଭରୁ ଏହା କେଉଁ ଅରୂପ ରତ୍ନ ଉତୋଳନ କରି ଆଣିବ ତାହା ସମୟ କହିବ । ଅସମାହିତ ପ୍ରଶ୍ନର ସମାଧାନର ବାଟ ଦେଖେଇବ ଅଥବା ବୈଜ୍ଞାନିକମାନେ ଆଉ କେଉଁ ନୂତନ ବିସ୍ମୟର ସାମ୍ନା କରିବେ । ଅଜଣାକୁ ଜାଣିବାର ଅଭିପ୍ରାୟରେ, ଅଚିହ୍ନାର ଆନନ୍ଦରେ ବିଜ୍ଞାନର ଜୟଯାତ୍ରା ଅବ୍ୟାହତ ରହୁ।

# ସ୍ୱାସ୍ଥ୍ୟକୁ ସର୍ଟକଟ୍

ଉପାଦାନ ତାଲିକା ବହନ କରୁଥିବା ସାରଣୀ ଏକ ଲମ୍ବା ରାସ୍ତା ହୋଇଥିବା ବେଳେ ସମ୍ମୁଖ ଛାପା ହେଉଛି ଏକ ସର୍ଟକଟ୍। ଅହରହ ସୀମିତ ସମୟ, ଧ୍ୟାନ ଓ ସୂଚନାର ଚାପରେ କାର୍ଯ୍ୟ କରୁଥିବା ମନୁଷ୍ୟ ସ୍ୱାଭାବିକ ଭାବରେ ସର୍ଟକଟ୍ ରାସ୍ତା ଆପଣାଇଥାଏ। ତେଣୁ 'ଏଫ୍‌ଏସ୍‌ଏସ୍‌ଏଆଇ' ପରି ଖାଦ୍ୟ ମାନ ନିୟନ୍ତ୍ରକ ନିଜର ଦାୟିତ୍ୱକୁ ଯଦି ଆନ୍ତରିକତା ସହିତ ନିର୍ବାହ କରିବାକୁ ଚାହେଁ, ତେବେ ଖାଉଟିଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସତର୍କ ସୂଚନା ଛାପିବା ନିମିନ୍ତ ତା' ପାଇଁ ଯେଉଁ ସର୍ବାଧିକ ପ୍ରଭାବଶାଳୀ ବିଲ୍‌ବୋର୍ଡ ଉପଲବ୍ଧ, ତାହା ହେଉଛି ଖାଦ୍ୟପଦାର୍ଥ ପ୍ୟାକେଟ୍‌ର ସମ୍ମୁଖ ଭାଗ। ''କାହିଁକି ? ତୁମେ କ'ଣ ଏ ଦେଶର ଲୋକମାନେ ସୁସ୍ଥ ରହିବା ଚାହୁଁ ନାହଁ? ଆହୁରି ନିର୍ଦ୍ଦିଷ୍ଟ ଭାବରେ ବର୍ଦ୍ଧିଷ୍ଣୁ ପିଲାମାନେ'' ଏକ ମାମଲାର ଶୁଣାଣି ସମୟରେ ଗତ ଗୁରୁବାର ଦିନ ଏହା ଥିଲା ସୁପ୍ରିମ୍ କୋର୍ଟ ଭାରତ ସରକାରଙ୍କୁ ପଚାରିଥିବା ଏକ ଭର୍ତ୍ସନାମୂଳକ ପ୍ରଶ୍ନ। ଯେଉଁ ମାମଲାରେ ସରକାରଙ୍କ ସହିତ ଦେଶରେ ଖାଦ୍ୟପଦାର୍ଥର ଗୁଣାତ୍ମକ ମାନ ନିୟନ୍ତ୍ରଣ ଦାୟିତ୍ୱ ନିର୍ବାହ କରୁଥିବା ସଂସ୍ଥା 'ଫୁଡ୍ ସେଫ୍‌ଟି ଆଣ୍ଡ ଷ୍ଟାଣ୍ଡାର୍ଡସ ଅଥରିଟି ଅଫ୍ ଇଣ୍ଡିଆ' (ଏଫ୍‌ଏସ୍‌ଏସ୍‌ଏଆଇ') ମଧ ସର୍ବୋଚ୍ଚ ଅଦାଲତଙ୍କର ଏଭଳି କଟୁ ଭର୍ତ୍ସନାର ସମ୍ମୁଖୀନ ହେଇଥିଲା, ତାହା ହେଉଛି ବଜାରରେ ବିକ୍ରି ହେଉଥିବା ଉଚ୍ଚ ମାତ୍ରାରେ ଚିନି, ଲୁଣ ଓ ସାଚ୍ୟୁରେଟେଡ୍ ଚର୍ବି ଆଦି ସ୍ୱାସ୍ଥ୍ୟ ହାନିକରକ ଉପାଦାନ ବ୍ୟବହାର କରାଯାଇ ପ୍ରସ୍ତୁତ ଖାଦ୍ୟପଦାର୍ଥମାନଙ୍କର ପ୍ୟାକେଟ୍‌ର ସମ୍ମୁଖ ଭାଗରେ ସ୍ପଷ୍ଟ ଭାବରେ ସତର୍କ ସୂଚନା ଛାପା ହେବା ସମ୍ବନ୍ଧରେ ନିଷ୍ପତି ନେବା ପାଇଁ ସରକାର ଓ 'ଏଫ୍‌ଏସ୍‌ଏସ୍‌ଏଆଇ' ଅବଲମ୍ବନ କରି ଚାଲିଥିବା ଦୀର୍ଘକାଳୀନ ଟାଳଟୁଳ ନୀତି। ସରକାର ଏଇ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜନସ୍ୱାସ୍ଥ୍ୟ ସୁରକ୍ଷା ଅପେକ୍ଷା ବ୍ୟବସାୟୀମାନଙ୍କ ସ୍ୱାର୍ଥକୁ ଅଧିକ ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ଆକ୍ଷେପ କରି ଅଦାଲତ ଧମକ ଦେଇଛନ୍ତି ଯେ ଯଦି ଏ ଦିଗରେ ସରକାର ତୁରନ୍ତ ଦୁଇ ସପ୍ତାହ ମଧ୍ୟରେ ବିହିତ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଅଦାଲତ ଏ ବାବଦରେ ନିର୍ଦ୍ଦେଶ ଦେବାକୁ ବାଧ ହେବେ। ସର୍ବୋଚ୍ଚ ଅଦାଲତଙ୍କର ପ୍ରଶ୍ନର ସରଳ ଅନ୍ତର୍ନିହିତ ମର୍ମ ହେଉଛି: ଯଦି ଜନସ୍ୱାର୍ଥ ସୁରକ୍ଷା ନିମିନ୍ତ ସରକାରଙ୍କର ହ ?ସ୍ତକ୍ଷେପର ଆବଶ୍ୟକତା ନେଇ କୌଣସି ସନ୍ଦେହ ନାହିଁ, ତେବେ ଖାଉଟିମାନେ ଦୀର୍ଘ କାଳ ଧରି ନିଜର ସ୍ୱାସ୍ଥ୍ୟକୁ ବିପନ୍ନ କରି ସରକାରୀ ଅମଲାତନ୍ତ୍ରର ନିଷ୍ପତି ଗ୍ରହଣକୁ କାହିଁକି ଅପେକ୍ଷା କରିଚାଲିବେ ? ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ପ୍ରତିହତକ୍ଷମ ବିପଦରୁ ସୁରକ୍ଷିତ ରଖିବା ହେଉଛି ରାଷ୍ଟ୍ରର ନୈତିକ ତଥା ସାଂବିଧାନିକ ଦାୟିତ୍ୱ। ଭାରତ ଭଳି ଏକ ବିକାଶଶୀଳ ଦେଶ ବର୍ତ୍ତମାନ ଏଇ ପରିପ୍ରେକ୍ଷୀରେ ଏକ ନିଷ୍ଠୁର ବିଡ଼ମ୍ବନା ଦେଇ ଗତି କରୁଛି: ଦେଶବାସୀ ଏ ପର୍ଯ୍ୟନ୍ତ ଅପପୁଷ୍ଟି କବଳରୁ ସଂପୂର୍ଣ୍ଣ ମୁକ୍ତି ଲାଭ କରିନାହାନ୍ତି କିନ୍ତୁ ସେଥିସହିତ ଏଠାରେ ମେଦବହୁଳତା, ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଓ ଅନ୍ୟାନ୍ୟ ଅଣ-ସଂକ୍ରାମକ ବ୍ୟାଧିମାନଙ୍କର ଦ୍ରୁତ ପ୍ରସାର ଘଟିବା ପରିଦୃଷ୍ଟ ହେଉଛି। ଅଧିକରୁ ଅଧିକ ସଂଖ୍ୟକ ଭାରତୀୟମାନଙ୍କର ଦୈନନ୍ଦିନ ଆହାରରେ ଅତି ପ୍ରକ୍ରିୟାକୃତ ଓ ପ୍ୟାକେଜ୍ ଖାଦ୍ୟର ପ୍ରବେଶ ଏହି ବ୍ୟାଧିମାନଙ୍କର ପ୍ରସାରର ଅନ୍ୟତମ କାରଣ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକମତ। ଅନେକ ଖାଉଟି ଏ ସମ୍ବନ୍ଧରେ ସଚେତନ ଥିଲେ ମଧ ସେମାନେ କ୍ରୟ କରୁଥିବା ଖାଦ୍ୟପଦାର୍ଥରେ ଉପସ୍ଥିତ ଏଇସବୁ କ୍ଷତିକାରକ ଉପାଦାନମାନଙ୍କର ପରିମାଣ ଓ ମାତ୍ରା ସମ୍ବନ୍ଧରେ ଅବଗତ ନଥାନ୍ତି। ବିଡ଼ମ୍ବନା ହେଲା କିନ୍ତୁ ଅଧିକାଂଶ ପ୍ୟାକେଟ୍ ଏ ସମ୍ବନ୍ଧରେ ସୂଚନା ବହନ କରୁଥିଲେ ମଧ ତାହା ଖାଉଟିମାନଙ୍କର ଦୃଷ୍ଟି ଆକର୍ଷଣ କରି ନ ଥାଏ। ଏହାର କାରଣ ହେଉଛି ବିକ୍ରେତାମାନେ ଅବଲମ୍ବନ କରୁଥିବା ଏକ ମନସ୍ତାତ୍ତ୍ୱିକ ଚାଲାକି: ସେମାନେ ଏ ସମସ୍ତ ସୂଚନା ଅତି କ୍ଷୁଦ୍ର ହରପରେ ସଂପୃକ୍ତ ପ୍ୟାକେଟ୍‌ର ପୃଷ୍ଠ ଭାଗରେ ଛାପି ଦେଇଥାନ୍ତି। ଜଣେ ସାଧାରଣ ଖାଉଟି ପକ୍ଷରେ ଏ ସମସ୍ତ ସୂଚନା ନିରୀକ୍ଷଣ କରି ପାଠ କରିବା ଓ ହୃଦୟଙ୍ଗମ କରିବା ପାଇଁ ଆବଶ୍ୟକ ହୋଇଥାଏ: ସାକ୍ଷରତା, ସମୟ, ସଂଖ୍ୟା ଅନୁଶୀଳନ ଦକ୍ଷତା, ଓ ତୁଳନା କରିବାର କ୍ଷମତା। ତରବର ହୋଇ ପିଲାଙ୍କ ପାଇଁ ପ୍ରାତଃଭୋଜନ ଦାନା (ବ୍ରେକ୍‌ଫାଷ୍ଟ ସେରିଏଲ୍) କିଣୁଥିବା ଜଣେ ମାତା କିମ୍ବା ପିତା, ତୁରନ୍ତ ଉପଭୋଗ କରିବା ପାଇଁ ଏକ ଚଟ୍‌ପଟି ପ୍ୟାକେଟ୍ କିଣୁଥିବା କିଶୋର କିଶୋରୀମାନେ କିମ୍ବା ତରବର ହୋଇ ଖାଇଦେଇ କାମକୁ ଲେଉଟିବା ପାଇଁ ଏକ ପୂର୍ବପ୍ରସ୍ତୁତ ଖାଦ୍ୟ ପ୍ୟାକେଟ୍ କିଣୁଥିବା କୌଣସି କର୍ମଜୀବୀଙ୍କ ପାଖରେ ସଂପୃକ୍ତ ପ୍ୟାକେଟ୍‌ରେ ଛାପା ହୋଇଥିବା ଉପାଦାନ ତାଲିକାକୁ ଅନୁଶୀଳନ କରିବା ପାଇଁ ସମୟ, ସୁବିଧା ତଥା କ୍ଷମତା ନ ଥାଏ। ଯଦି ପ୍ୟାକେଟ୍‌ର ସମ୍ମୁଖ ଭାଗରେ ସେଥିରେ ଥିବା ଖାଦ୍ୟର ସମ୍ଭାବ୍ୟ ବିପଦ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ସତର୍କ ସୂଚନା ବଡ଼ବଡ଼ ହରପରେ ଛାପାଯାଏ, ତେବେ ତାହା ଖାଉଟିଙ୍କର ଦୃଷ୍ଟି ଆକର୍ଷଣ କରିବାରେ କେବେହେଲେ ବିଫଳ ହେବ ନାହିଁ। ଖାଉଟି ଦୃଷ୍ଟିକୋଣରୁ ଉପାଦାନ ତାଲିକା ଓ ସତର୍କ ସୂଚନା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଫରକ ରହିଥାଏ: ଉପାଦାନ ତାଲିକା ପାଠକରି ଖାଉଟିଙ୍କୁ ତାହାକୁ ତର୍ଜମା କରି ତାହାର ଭଲମନ୍ଦ ପ୍ରଭାବ ଆବିଷ୍କାର କରିବାକୁ ପଡ଼ିଥାଏ, ଯାହା ହେଉଛି ଏକ ମାନସିକ କସରତ; ସମ୍ମୁଖ ଭାଗରେ ଛାପା ହୋଇଥିବା ସତର୍କ ସୂଚନା ଖାଉଟିର ସେଇ ମାନସିକ କସରତକୁ ଲାଘବ କରିଦେଇଥାଏ। ଏଇ ଫରକ ଯୋଗୁଁ ଉପାଦାନ ତାଲିକା ଅପେକ୍ଷା, ତାହାର ତାତ୍ପର୍ଯ୍ୟ ବହନ କରୁଥିବା ଏକ ସଂକ୍ଷିପ୍ତ ଓ ସରଳ ସତର୍କ ସୂଚନା ଖାଉଟିଙ୍କୁ ସଚେତନ କରିବାରେ ବହୁଗୁଣ ଅଧିକ ଫଳପ୍ରଦ ହୋଇଥାଏ। ରାଷ୍ଟ୍ରର ଦାୟିତ୍ୱ କେବଳ ନାଗରିକ ପାଇଁ ଉପାଦାନ ସଂପର୍କିତ ସୂଚନା ଉପଲବ୍ଧ କରିବାରେ ସୀମିତ ନୁହେଁ, ତାହାର ମର୍ମ ସମ୍ବନ୍ଧରେ ନାଗରିକଙ୍କୁ ସଚେତନ କରିବା ମଧ ? ହେଉଛି ରାଷ୍ଟ୍ରର ଅନିବାର୍ଯ୍ୟ ଦାୟିତ୍ୱ। ମନୁଷ୍ୟକୁ ଏକ ଅର୍ଥନୈତିକ ପ୍ରାଣୀ ରୂପେ ବର୍ଣ୍ଣନା କରାଯାଉଥିଲେ ହେଁ ସେମାନେ ସର୍ବଦା ଏକ ନିର୍ଭୁଲ୍ ଅର୍ଥନୈତିକ ହିସାବ ଯନ୍ତ୍ର ରୂପେ କାର୍ଯ୍ୟ କରି ନଥାନ୍ତି। ଅର୍ଥଶାସ୍ତ୍ରରେ ନୋବେଲ ପୁରସ୍କାର ଲାଭ କରିଥିବା ମନସ୍ତତ୍ତ୍ୱବିତ୍ ସ୍ୱର୍ଗୀୟ ଡାନିଏଲ୍ କାନେମ୍ୟାନ୍ ମନୁଷ୍ୟ କିପରି ସାଧାରଣତଃ ନିଷ୍ପତି ଗ୍ରହଣ ପାଇଁ ଏକ ସର୍ଟକଟ୍ ରାସ୍ତା ପସନ୍ଦ କରିଥାଏ, ତାହା ପ୍ରମାଣିତ କରି ଏଇ ଇଲାକାରେ ଏକ କ୍ଷୁଦ୍ର ବିପ୍ଳବ ସୃଷ୍ଟି କରିଥିଲେ। ଉପାଦାନ ତାଲିକା ବହନ କରୁଥିବା ସାରଣୀ ଏକ ଲମ୍ବା ରାସ୍ତା ହୋଇଥିବା ବେଳେ ସମ୍ମୁଖ ଛାପା ହେଉଛି ଏକ ସର୍ଟକଟ୍। ଅହରହ ସୀମିତ ସମୟ, ଧ୍ୟାନ ଓ ସୂଚନାର ଚାପରେ କାର୍ଯ୍ୟ କରୁଥିବା ମନୁଷ୍ୟ ସ୍ୱାଭାବିକ ଭାବରେ ସର୍ଟକଟ୍ ରାସ୍ତା ଆପଣାଇଥାଏ। ତେଣୁ 'ଏଫ୍‌ଏସ୍‌ଏସ୍‌ଏଆଇ' ପରି ଖାଦ୍ୟ ମାନ ନିୟନ୍ତ୍ରକ ନିଜର ଦାୟିତ୍ୱକୁ ଯଦି ଆନ୍ତରିକତା ସହିତ ନିର୍ବାହ କରିବାକୁ ଚାହେଁ, ତେବେ ଖାଉଟିଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସତର୍କ ସୂଚନା ଛାପିବା ନିମିତ ତା' ପାଇଁ ଯେଉଁ ସର୍ବାଧିକ ପ୍ରଭାବଶାଳୀ ବିଲ୍‌ବୋର୍ଡ ଉପଲବ୍ଧ, ତାହା ହେଉଛି ଖାଦ୍ୟପଦାର୍ଥ ପ୍ୟାକେଟ୍‌ର ସମ୍ମୁଖ ଭାଗ। ରାଷ୍ଟ୍ର ଯଦି ଜାଣିଛି ଯେ ଅତ୍ୟଧିକ ଚିନି, ଲୁଣ ବା ସାଚ୍ୟୁରେଟେଡ୍ ଚର୍ବି ହେଉଛି ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ, ତେବେ ନାଗରିକମାନଙ୍କୁ ମଧ ସେଇ ଜ୍ଞାନରେ ଅଂଶୀଦାର କରିବା ହେଉଛି ତାହାର ମୌଳିକ ଦାୟିତ୍ୱ। ଆଉ ଏଇ ଗୁରୁଦାୟିତ୍ୱ ସଫଳ ଭାବରେ ନିର୍ବାହ କରିବାରେ ଯେଉଁ ଏକ ମାଧ୍ୟମ ବିଶେଷ ଭାବରେ ସହାୟକ ହେବ, ତାହା ହେଉଛି ଖାଦ୍ୟ ପ୍ୟାକେଟ୍‌ର ସମ୍ମୁଖ ଛାପା। ଯେହେତୁ ଏଭଳି ଖାଦ୍ୟ ପିଲାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ଦୀର୍ଘକାଳୀନ କ୍ଷତି ପହୁଚାଂଇଥାଏ, ସରକାର ଆଉ କାଳବିଳମ୍ବ ନ କରି ଏଥିପାଇଁ ନିଷ୍ପତି ନେଇ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ସହିତ ନିଜକୁ ମଧ ଅଦାଳତୀ ରୋଷରୁ ରକ୍ଷା କରିବେ ବୋଲି ଆଶା କରାଯାଏ।

# ଗଣିତରେ ଶହେରୁ ଶହେ ଦଶ ନମ୍ବର

ସେଦିନ କଲିକତା ଈଶ୍ୱର ଲେନ୍ ର ସୁରେନ୍ଦ୍ର ନାଥ ବୋଷ,ଉତ୍ତେଜିତ ଅବସ୍ଥାରେ ଯେତେବେଳେ ,ତାଙ୍କ ପୁଅ ଅଧ୍ୟୟନ କରୁଥିବା ବିଦ୍ୟାଳୟର ଗଣିତ ଶିକ୍ଷକଙ୍କୁ ଦେଖା କରିବାକୁ ଗଲେ,ତାଙ୍କ ମନରେ ଶତ ପ୍ରତିଶତ ଧାରଣା ଥିଲା ଯେ ଶିକ୍ଷକ ଭୁଲ୍‌ରେ ତାଙ୍କ ପୁଅ ର ପରୀକ୍ଷା ମୂଲ୍ୟାୟନ କରିଛନ୍ତି ।କିନ୍ତୁ ତାଙ୍କୁ ଦେଖୁ ଦେଖୁ ଶିକ୍ଷକ ଯାହା କହିଲେ ତାହା ଶୁଣିବା ପରେ,ସେ ଅନୁଭବ କଲେ ତାଙ୍କ ପାଦ ଆଉ ମାଟିରେ ଲାଗି ନାହିଁ,ସେ ବୋଧହୁଏ,ଆକାଶରେ ଉଡୁଛନ୍ତି। ଶିକ୍ଷକ କହିଲେ,ଆପଣ ନିଶ୍ଚୟ ଆଶ୍ଚର୍ଯ୍ୟ ହେଉଥିବେ ପୂର୍ଣସଂଖ୍ୟା ୧୦୦ ରୁ ସେ ୧୧୦ ପାଇଲା କିପରି ?କିନ୍ତୁ ପ୍ରକୃତରେ ସେ ୨୦୦ ନମ୍ବର ପାଇବା କଥା ।ଧାର୍ଯ୍ୟ ସମୟ ଭିତରେ ଯେତିକି ପ୍ରଶ୍ନର ଉତର ଦେବା କଥା, ଗଣିତରେ ଦିଆଯାଇଥିବା ସମସ୍ତ ଅତିରିକ୍ତ ପ୍ରଶ୍ନ ଯାହା ଖଣ୍ଡିଏ ଗଣିତ ପ୍ରଶ୍ନ ପାଇଁ ଆଉ ଗୋଟିଏ ବିକଳ୍ପ ପ୍ରଶ୍ନ ଭାବରେ ଦିଆଯାଇଥାଏ,ସେ ସମସ୍ତ ପ୍ରଶ୍ନର ଉତର ନିର୍ଭୁଲ ଭାବରେ ଦେଇ ପାରିଛି ।ଏ କଥା ଶୁଣି,ସେ ଘରକୁ ଆସି,ପୁଅକୁ କୁଣ୍ଢାଇ ପକାଇଲେ ,ଚକ୍ଷୁରୁ ଆନନ୍ଦାଶ୍ରୁ ବୋହିଗଲା,କହିଲେ ପୁଅରେ ତୁ ଭବିଷ୍ୟତରେ ନିଶ୍ଚୟ ଏ ଜାତିର ନାମ ରଖିବୁ ।ପ୍ରକୃତରେ ସେୟାହିଁ ହେଲା ।୧୯୨୪ ମସିହାରେ ଏହି ପିଲାଟି ପ୍ଲାଙ୍କଙ୍କ ତତ୍ତ୍ୱାବଳିକୁ ପାଥେୟ କରି ମ୍ୟାକସିଓ୍ୱେଲ୍‌ଙ୍କ କୋଲଜମ୍ୟାନ ପରିସଂଖ୍ୟାନକୁ ବଦଳାଇ ଏକ ବିଶେଷ ପରିସଂଖ୍ୟାନାଶ୍ରୟୀ ତତ୍ତ୍ୱ ପ୍ରଣୟନ କରିଥିଲେ ।"ବ୍ରିଟିଶ ଜର୍ଣ୍ଣାଲ ଅଫ ଫିଜିକ୍ସ"ନାମକ ମାସିକ ପତ୍ରିକାରେ ଏହି ନିବନ୍ଧଟି ପ୍ରକାଶିତ ହେବା ପରେ,ସେ ବୈଜ୍ଞାନିକ ହିସାବରେ ରାତାରାତି ପ୍ରସିଦ୍ଧି ଲାଭ କରିଥିଲେ ଏବଂ ନୋବେଲ୍ ପୁରସ୍କାର ପ୍ରାପ୍ତ ସ୍ୱନାମଧନ୍ୟ ପଦାର୍ଥ ବିଜ୍ଞାନୀ ମ୍ୟାଡାମକ୍ୟୁରୀଙ୍କ ଅଧୀନରେ ଗବେଷଣା କରିବାକୁ ନିମନ୍ତ୍ରଣ ପାଇ ଜର୍ମାନ ଯାତ୍ରା କରିଥିଲେ। ସୁରେନ୍ଦ୍ରନାଥ ବୋଷଙ୍କ ଔରଷରୁ ଜାତ ଛଅ ଗୋଟି ସନ୍ତାନ ମାନଙ୍କ ମଧ୍ୟରେ, ୧୮୯୪ ମସିହାଜାନୁୟାରୀ ମାସ ପହିଲା ଦିନ ଜାତ ଏହି ସନ୍ତାନଟି ଥିଲେ ତାଙ୍କର ଏକମାତ୍ର ଏବଂ ଜ୍ୟେଷ୍ଠ ପୁତ୍ର,ସତ୍ୟେନ୍ଦ୍ରନାଥ ବୋଷ ।ଏକମାତ୍ର ପୁତ୍ର ସନ୍ତାନ ଭାବରେ ପରିବାର ମଧ୍ୟରେ ତାଙ୍କ ପ୍ରତି ଯତ୍ନ ଏବଂ ଭଉଣୀ ମାନଙ୍କ ଅତ୍ୟଧିକ ସ୍ନେହ ପାଇ ସେ ଭାରି ଏକ ଜିଦ୍‌ଖିଆ ହୋଇଯାଇଥିଲେ ।ଈଶ୍ୱର ପ୍ରଦତ ସ୍ମରଣ ଶକ୍ତି ଯୋଗୁଁ,ସେ ବିଦ୍ୟାରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ କୌଣସି ଶ୍ରେଣୀରେ ପ୍ରଥମ ସ୍ଥାନ ବ୍ୟତୀତ ଦ୍ୱିତୀୟ ସ୍ଥାନକୁ ଖସି ନାହାନ୍ତି। ଗଣିତରେ ତାଙ୍କର ଦକ୍ଷତା ଏତେ ଅଧିକ ଥିଲା ଯେ,ବେଳେବେଳେ ତାଙ୍କୁ ଶିକ୍ଷାଦାନ କରୁଥିବା ଶିକ୍ଷକ ,ସମାଧାନ କରିପାରୁନଥିବା ଗଣିତ ତାଙ୍କଠାରୁ ବୁଝୁଥିଲେ ଏବଂ କହୁଥିଲେ ସତ୍ୟ ଆମେ ତୁମର ଗୁରୁ ନୁହେଁ,ତୁମେ ଆମର ଗୁରୁ ।କୌଣସି ଗଣିତର ସମାଧାନ ନହେବା ପର୍ଯ୍ୟନ୍ତ ,ସେ ଖାଇବା ପିଇବା ଭୁଲି ଯାଉଥିଲେ ।ଭଉଣୀ ମାନେ ଶ୍ରଦ୍ଧା ବଶତଃ ତାଙ୍କ ସାଙ୍ଗରେ ସବୁବେଳେ ଲାଗୁ ଥିବାରୁ,ସେ ଅନେକ ସମୟରେ ଆତ୍ମଗୋପନ କରୁଥିଲେ। ଏକଦା ସତ୍ୟକୁ ଘରେ ନପାଇ,ତାଙ୍କ ଭଉଣୀ ମାନେ ଚାରିଆଡେ ଖୋଜିବା ପରେ ତାଙ୍କୁ ନପାଇ, କନ୍ଦାକଟା ଆରମ୍ଭ କରିଦେଲେ ।କିଛି ସମୟ ପରେ ଘରର ସଂଘା ଉପରୁ ତାଳି ମାଡ ସହ ଏକ ଆନନ୍ଦର ଚିତ୍କାର ଶୁଭିଲା ।କୋଳାହଳରୁ ଦୁରେଇ ଯାଇ ସତ୍ୟ ଏକ କ୍ଲିଷ୍ଟ ଗଣିତର ସମାଧାନରେ ବ୍ୟସ୍ତ ଥିଲେ,ସହଜ ସମାଧାନ ହୋଇଯିବା ପରେ ସେ ଆନନ୍ଦରେ ଚିତ୍କାର କରି ଉଠିଥିଲେ ।ତାଙ୍କ ଚିତ୍କାର ,ଭଉଣୀ ମାନଙ୍କୁ ତାଙ୍କ ଅବସ୍ଥିତି ସଂପର୍କରେ ସୂଚନା ପ୍ରଦାନ କରିଥିଲା ।ସେମାନେ କ୍ରୋଧ ରେ ସତ୍ୟକୁ ତଳକୁ ଓହ୍ଲାଇ ଗାଳିଗୁଲଜ କରିବା ସହିତ,ତାଙ୍କ କାନ ମୋଡି ଦେଇଥିଲେ। ଏହା ସତ୍ୟଙ୍କୁ ଭୀଷଣ ଭାବରେ ମାନସିକ ଆଘାତ ଦେଇଥିଲା। ସେ କିଛି ଦିନ ପର୍ଯ୍ୟନ୍ତ ଭଉଣୀ ମାନଙ୍କ ସହିତ କଥାବାର୍ତ୍ତା ବନ୍ଦ କରି ଦେଇଥିଲେ ।ସତ୍ୟେନ୍ଦ୍ର ପ୍ରେସିଡେନସି କଲେଜ୍‌ରେ ବି.ଏସ୍.ସି ପଢିବା ସମୟରେ,ପ୍ରଖ୍ୟାତ ବ୍ୟକ୍ତିତ୍ୱ ମେଘନାଦ ଶାହାଙ୍କ ସଂସ୍ପର୍ଶରେ ଆସିଥିଲେ ।ଏହି ସଂପର୍କ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା ।ଏମ୍.ଏସ୍.ସି. ଶିକ୍ଷା ସମାପ୍ତି ପରେ ୧୯୧୬ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟର ,ଏକ ବିଜ୍ଞାନ ମହାବିଦ୍ୟାଳୟରେ ସେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ରୂପେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ ।ସେହି ସମୟରେ ବନ୍ଧୁ ମେଘନାଦ ଶାହାଙ୍କ ସହଯୋଗରେ, "ମ୍ୟାକସ୍ ପ୍ଲାଙ୍କଙ୍କ କାଂଟମ ତତ୍ତ୍ୱ ଓ ଆଲବର୍ଟ ଆଇନିଷ୍ଟାଇନ୍‌ଙ୍କ ଆପେକ୍ଷିକ ତତ୍ତ୍ୱ"ନାମକ ଦୁଇଗୋଟି ଉପାଦେୟ ତତ୍ତ୍ୱ ଆବିଷ୍କାର କରିଥିଲେ,ଯାହାକି ବିଂଶ ଶତାବ୍ଦୀରେ,ବିଜ୍ଞାନ ଜଗତରେ ଏକ ଯୁଗାନ୍ତକାରୀ ଏବଂ ଶ୍ରେଷ୍ଠ ତତ୍ତ୍ୱ ହିସାବରେ ପରିଗଣିତ ହେଲା ।ତାଙ୍କ ଦ୍ୱାରା ରଚିତ"ବୋଷ ଆଇନ୍‌ଷ୍ଟାଇନ୍ ଷ୍ଟାଟିସ୍‌ଟିକସ୍" ନିବନ୍ଧଟି ଆଇନ୍‌ଷ୍ଟାଇନ୍‌ଙ୍କ ଦ୍ୱାରା ଅନୁମୋଦିତ ହୋଇ,ଜର୍ମାନ ଦେଶର ଏକ ପ୍ରସିଦ୍ଧ ବିଜ୍ଞାନ ପତ୍ରିକାରେ ପ୍ରକାଶିତ ହୋଇଥିଲା ।ବୈଜ୍ଞାନିକ ଗବେଷଣା ସାଙ୍ଗକୁ,ସାହିତ୍ୟ କ୍ଷେତ୍ରରେ ମଧ୍ୟ ,ସେ ତାଙ୍କର ପ୍ରତିଭା ପ୍ରଦର୍ଶିତ କରିଥିଲେ। ଜର୍ମାନୀ ଭାଷା ଶିକ୍ଷା ସାଙ୍ଗରେ,"ସବୁଜ ପତ୍ର" ନାମରେ ଏକ ସାହିତ୍ୟିକ ଅନୁଷ୍ଠାନ ତିଆରି କରିଥିଲେ, ଯାହାକି ସେ ସମୟର କଲିକତାରେ ଏକ ଅଗ୍ରଣୀ ସାହିତ୍ୟ ସଂସ୍ଥା ଭାବରେ କାର୍ଯ୍ୟ କରୁଥିଲା । "ବିଜ୍ଞାନ ପରିଚୟ ଓ ଜ୍ଞାନ ବିଜ୍ଞାନ"ନାମକ ଦୁଇଟି ବିଜ୍ଞାନ ପତ୍ରିକାର ସଂପାଦନା ଦାୟୀତ୍ୱ ମଧ୍ୟ,ସେ ତୁଲାଉଥିଲେ ।ଜୀବଦଶା ମଧ୍ୟରେ ସେ ବହୁତ ଅନୁଷ୍ଠାନ ଏବଂ ସରକାରଙ୍କ ଦ୍ୱାରା ସମ୍ମାନୀତ ଏବଂ ସମ୍ବର୍ଦ୍ଧିତ ହୋଇଥିଲେ ।୧୯୪୮ ରେ ସେ "ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନସ୍"ର ଚେୟାରମ୍ୟାନ ରୁପେ ଅବସ୍ଥାପିତ ହୋଇ ,ଇନୋସ୍କୋରେ ଭାରତର ପ୍ରତିନିଧିତ୍ୱ କରିଥିଲେ ।୧୯୫୬ ରୁ ୧୯୫୮ ଦୁଇବର୍ଷ ବିଶ୍ୱଭାରତୀର କୁଳପତି ଦାୟିତ୍ୱ ତୁଲାଇଥିଲେ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ନୋ ଏଣ୍ଟ୍ରିକୁ ନେଇ ତେଜିଲା ବିବାଦ : ବିଧାୟକଙ୍କ ଚିଠିକୁ ଗ୍ରାମବାସୀଙ୍କ ପ୍ରଶ୍ନବାଣ




ଝାରସୁଗୁଡ଼ା,୨୨/୮(ନି/ପ୍ର): ଜମେରା-ମରାକୁଟା ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ ପାଇଁ ନୋ ଏଣ୍ଟ୍ରି ଲାଗୁ କରିବାକୁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଜିଲ୍ଲାପାଳଙ୍କୁ ଲେଖିଥିବା ଚିଠିକୁ ନେଇ ବିବାଦ ତୀବ୍ର ହୋଇଛି । ଜମେରା, ମରାକୁଟା ଓ ବଡ଼ମାଲ ଅଂଚଳର ଜନପ୍ରତିନିଧି ଓ ଗ୍ରାମବାସୀ ଗୁରୁବାର ଏକ ପ୍ରେସମିଟ୍ ରେ ବିଧାୟକଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ଓଡ଼ିଶା ମେଟାଲିକ୍ସ କମ୍ପାନୀ ସମ୍ମୁଖରେ ସ୍ଥାନୀୟ ଲୋକଙ୍କ ରୋଜଗାର, ପାନୀୟ ଜଳ, ବିଜୁଳି ଓ ରାସ୍ତା ଭଳି ମୌଳିକ ସମସ୍ୟାକୁ ନେଇ ଆନ୍ଦୋଳନ ଚାଲିଥିଲେ ମଧ୍ୟ ବିଧାୟକ ନୀରବ ଥିଲେ । ଏବେ ହଠାତ୍ ଜମେରା-ମରାକୁଟା ରାସ୍ତାରେ ନୋ ଏଣ୍ଟ୍ରି ପାଇଁ ତତ୍ପରତା ଦେଖାଇବା ପଛର କାରଣ କ'ଣ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଏନ୍‌ଏଚ୍-୪୯ ଦେଇ ସୁନ୍ଦରଗଡ଼, ସମ୍ବଲପୁର ଓ ବ୍ରଜରାଜନଗର ପଟୁ ହେଉଥିବା କୋଇଲା ପରିବହନ ଏବଂ ନିୟମିତ ଦୁର୍ଘଟଣା ପ୍ରସଙ୍ଗରେ ବିଧାୟକ କାହିଁକି ନୀରବ ରହିଛନ୍ତି ବୋଲି ସରପଂଚ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସନ୍ଧ୍ୟା ୬ଟା ପରେ ଭାରୀଯାନ ଚଳାଚଳ ବଢ଼ିଲେ ରାସ୍ତାରେ ଅତ୍ୟଧିକ ଭିଡ଼ ସୃଷ୍ଟି ହୋଇ ଦୁର୍ଘଟଣାର ଆଶଙ୍କା ବଢୁଥିବା ମଧ୍ୟ ସେମାନେ କହିଛନ୍ତି । ଗ୍ରାମବାସୀ ସ୍ପଷ୍ଟ କରିଛନ୍ତି ଯେ, ସେମାନେ ବିକାଶର ବିରୋଧୀ ନୁହନ୍ତି । ତେବେ ରାସ୍ତା ନିର୍ମାଣ ସହ ଗ୍ରାମବାସୀଙ୍କ ମୌଳିକ ସୁବିଧା ସୁନିଶ୍ଚିତ କରାଯିବା ପ୍ରଥମ ଆବଶ୍ୟକତା ବୋଲି ସେମାନେ କହିଛନ୍ତି । ରୁଙ୍ଗଟା କମ୍ପାନୀ ରାସ୍ତା ନିର୍ମାଣ ସହ ସ୍ଥାନୀୟ ଲୋକଙ୍କ ମୌଳିକ ସୁବିଧା ଯୋଗାଇବାକୁ ଚାହୁଁଥିବା ବେଳେ ଏହାକୁ ନେଇ ବିଧାୟକଙ୍କ ବିରୋଧର କାରଣ କ'ଣ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଏପଟେ ଜିଲ୍ଲାପାଳଙ୍କ ପକ୍ଷରୁ ଏହି ରାସ୍ତାରେ ପୂର୍ତ୍ତ ବିଭାଗ ମାଧ୍ୟମରେ କାମ ଆରମ୍ଭ କରାଯାଇଥିବା ଗ୍ରାମବାସୀ କହିଛନ୍ତି । ତେଣୁ କୌଣସି ରାଜନୈତିକ ଚାପରେ ନ ପଡ଼ି ଲୋକଙ୍କ ବାସ୍ତବ ଆବଶ୍ୟକତା ଓ ସୁରକ୍ଷାକୁ ଆଧାର କରି ପ୍ରଶାସନ ନିଷ୍ପତି ନେବାକୁ ସେମାନେ ଦାବି କରିଛନ୍ତି । ପ୍ରେସମିଟ୍ ରେ ଗ୍ରାମବାସୀ ବିରଚିଂ ମେହେର ଗତ ଆନ୍ଦୋଳନ ସମୟରେ ଗଣମାଧ୍ୟମରେ ସ୍ୱର ଉଠାଇବା ପରେ ତାଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ କରିଥିଲେ । ଏହି ଘଟଣା ପଛରେ ବିଧାୟକଙ୍କ ଲୋକଙ୍କ ହାତ ଥିବା ସେ ଅଭିଯୋଗ କରିବା ସହ ଭବିଷ୍ୟତରେ ତାଙ୍କ କିମ୍ବା କୌଣସି ଗ୍ରାମବାସୀଙ୍କର ଅନିଷ୍ଟ ହେଲେ ବିଧାୟକଙ୍କୁ ଦାୟୀ କରାଯିବ ବୋଲି କହିଥିଲେ । ଏହା ଅଭିଯୋଗ ଭାବେ ଉଠାଯାଇଥିବା ବେଳେ ଏ ସମ୍ପର୍କରେ ବିଧାୟକଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଏଠାରେ ଦିଆଯାଇନାହିଁ । ଏହି ପ୍ରେସମିଟ୍ ରେ ମରାକୁଟା ସରପଂଚ ଲିଲି ତନ୍ତୀ, ବିରଚିଂ ମେହେର, ସମିତି ସଭ୍ୟା ସୁଜାତା ମେହେର, ନିର୍ମଳ ସାହୁ, ନାଏବ ସରପଂଚ ଆଶିଷ ଗାର୍ଡ଼ିଆ, ନୃପ ମେହେର, ଇନ୍ଦୁମତୀ ମେହେର, ନନ୍ଦୁ ସାହୁ, ଭୁବନ ସାହୁ ଓ ବିଭୀଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରଜରାଜନଗର କଲେଜ ପରିଦର୍ଶନ କଲେ ଜିଲ୍ଲାପାଳ



ଝାରସୁଗୁଡ଼ା,୨୨/୮(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବ୍ରଜରାଜନଗର କଲେଜ ପରିଦର୍ଶନ କରି କ୍ୟାମ୍ପସରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଉଭୟ ବ୍ରଜରାଜନଗର ଏବଂ ବେଲପାହାଡ଼ କଲେଜର ଭିତ୍ତିଭୂମି ତଥା ଶିକ୍ଷାଗତ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । କଲେଜର ବିକାଶକୁ ଦୃଷ୍ଟିରେ ରଖି ଏକ ବ୍ଲୁ-ପ୍ରିଂଟ ସହ ସମ୍ପୂର୍ଣ୍ଣ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ସେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରିଦର୍ଶନ ସମୟରେ ଜିଲ୍ଲାପାଳ କଲେଜର ଅବ୍ୟବହୃତ ହୋଇ ପଡ଼ିରହିଥିବା ହଷ୍ଟେଲ ପରିସର ଅନୁଧ୍ୟାନ କରିଥିଲେ । ଏହି ଛାତ୍ରାବାସକୁ ପରିତ୍ୟକ୍ତ ଅବସ୍ଥାରେ ନ ରଖି ଶୀଘ୍ର ଉପଯୁକ୍ତ ବ୍ୟବହାର ଉପଯୋଗୀ କରିବା ପାଇଁ ସେ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଉପଲବ୍ଧ ସମ୍ବଳ ଓ ଜମିର ସଠିକ୍ ବିନିଯୋଗ ପାଇଁ ସମସ୍ତ ଅଂଶୀଦାରମାନଙ୍କ ସହ ଏକ ସମନ୍ୱୟ ବୈଠକ ଡକାଇ ଆଗାମୀ ୧୦ ଦିନ ମଧ୍ୟରେ ଏକ କାର୍ଯ୍ୟକ୍ଷମ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ପୌରପାଳିକା ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ବେଲପାହାଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, ପୂର୍ତ୍ତ ବିଭାଗର ଏସଡିଓ ସୁରଥ ନାଏକ, ପୌର ଯନ୍ତ୍ରୀ, କଲେଜର ଅଧ୍ୟାପକ-ଅଧ୍ୟାପିକା ଏବଂ ପୁରାତନ ଛାତ୍ର ସଂସଦର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ରେଙ୍ଗାଲିରେ ପାଳିତ ହେଲା ବରିଷ୍ଠ ନାଗରିକ ଦିବସ

ସମ୍ବଲପୁର,୨୨/୮(ନି/ପ୍ର) :ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପରିଷଦ ତଥା ଜିଲ୍ଲା ବରିଷ୍ଠ ନାଗରିକ ସଂଘ ର ସଭାପତି ଅନ୍ତର୍ଯ୍ୟାମୀ ପାଣିଙ୍କ ସଭାପତିତ୍ୱରେ ରେଙ୍ଗାଲି ଦୁର୍ଗା ମଣ୍ଡପ କାର୍ଯ୍ୟାଳୟରେ ପାଳିତ ହୋଇଥିଲା । ମା ମସମଲେଇଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ ପୂର୍ବକ ସମସ୍ତ ନାଗରିକଙ୍କ ସୁସ୍ଥ, ସୁଖ ଶାନ୍ତି ନିରାମୟ କାମନା କରି ପ୍ରାର୍ଥନା କରଯାଇଥିଲା । ଅଂଚଳର ବରିଷ୍ଠ ନାଗରିକ ଶିକ୍ଷାବିତ୍ ତଥା ପରିଷଦ ର ପୂର୍ବତନ ସଭାପତି ବସନ୍ତ କୁମାର ନାୟକଙ୍କୁ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ପରିଷଦ ପକ୍ଷରୁ ଉପଢୌକନ ଦେଇ ସମ୍ମାନିତ କରଯାଇଥିଲା । ସମାଜରେ ବରିଷ୍ଠ ତଥା ବୟସ୍କ ନାଗରିକଙ୍କ ସୁରକ୍ଷା ସମ୍ମାନ, ମାନବିକ ଅଧିକାର ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । ଏଥିରେ ପୂର୍ବ ତନ ବିଧାୟକ ଦୁର୍ଯ୍ୟୋଧନ ଗରଡିଆ, କୋଷାଧକ୍ଷ ବିନୋଦ ବିହାରୀ ନନ୍ଦ, ପୀତବାସ ତାଣ୍ଡକାର,, କିଶୋର ସାହୁ,



ସୀତାରାମ ସାହୁ, ସୁବନ ଚାନ୍ଦ ସାହୁ,ସାଲେଗ୍ରାମ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ପତ୍ରାପାଲି ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ବସ୍ ଦାବି

ଝାରସୁଗୁଡ଼ା,୨୨/୮(ନି/ପ୍ର) : କୋଲାବିରା ବ୍ଲକ୍ର ପତ୍ରାପାଲିସ୍ଥିତ ଆଦର୍ଶ ବିଦ୍ୟାଳୟର ଶହ ଶହ ଛାତ୍ରଛାତ୍ରୀଙ୍କ ଦୀର୍ଘଦିନର ଯାତାୟାତ ସମସ୍ୟାର ସମାଧାନ ପାଇଁ ନିଜସ୍ୱ ସ୍କୁଲ ବସ୍ ବ୍ୟବସ୍ଥା କରିବାକୁ ଦାବି ହୋଇଛି । ଏନେଇ ଆଂଚଳିକ ବିକାଶ ପରିଷଦ, ଲଇକେରା-କୋଲାବିରା-କିର୍ମିରା ପକ୍ଷରୁ ଗୁରୁବାର ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଦର୍ଶାଯାଇଛି ଯେ, ବିଦ୍ୟାଳୟର ନିଜସ୍ୱ ବସ୍ ବ୍ୟବସ୍ଥା ନଥିବାରୁ ଛାତ୍ରଛାତ୍ରୀମାନେ ପ୍ରତିଦିନ ଲକ୍ଷ୍ମୀ ବସ୍ ସମେତ ଅନ୍ୟାନ୍ୟ ଘରୋଇ ବସ୍ ଉପରେ ନିର୍ଭର କରି ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି । ବିଦ୍ୟାଳୟ ଆସିବା ଓ ଛୁଟି ସମୟରେ ବସଗୁଡ଼ିକରେ ଅତ୍ୟଧିକ ଭିଡ଼ ହେଉଥିବାରୁ ଛାତ୍ରଛାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିସହ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ଯାତାୟାତ ସୁରକ୍ଷାକୁ ନେଇ ମଧ୍ୟ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ଛାତ୍ରଛାତ୍ରୀଙ୍କ ସୁରକ୍ଷିତ, ନିୟମିତ ଓ ସୁବିଧାଜନକ ଯାତାୟାତ ପାଇଁ ତୁରନ୍ତ ବିଦ୍ୟାଳୟର ନିଜସ୍ୱ ବସ୍ ବ୍ୟବସ୍ଥା କରାଯିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ହସ୍ତକ୍ଷେପରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ପରିଷଦ ଆଶା ପ୍ରକାଶ କରିଛି । ଏହି ଅବସରରେ ପରିଷଦର ସଭାପତି ଜିତେନ୍ଦ୍ରୀୟ ଧୁରୁଆ, ସାଧାରଣ ସମ୍ପାଦକ ସମ୍ବିତ ନାଏକ, କୋଷାଧକ୍ଷ ସୁଖ କିସାନ, ଦୁଲାମଣି ମାଝୀ, ନିଗମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଇକ୍ ଚୋରି ରାକେଟ୍‌ରେ ଚଢଉ :
## ୧୩ଟି ବାଇକ୍ ଜବତ, ୩ ଜଣଙ୍କୁ ବାନ୍ଧିଲା ପୋଲିସ



ସମ୍ବଲପୁର,୨୨/୮(ନି/ପ୍ର): ହାଣ୍ଡେଲ ଲକ୍ ସହ ଚେନ୍ ବାନ୍ଧି ଅତିରିକ୍ତ ତାଲା ପକାଇଲେ ମଧ୍ୟ ଆଖି ପିଛୁଳକେ ବାଇକ୍ ଚୋରି ହୋଇଯିବା ଘଟଣା ଦିନକୁ ଦିନ ସମ୍ବଲପୁର ସହରବାସୀଙ୍କୁ ଅତିଷ୍ଠ କରାଇଛି । ହେଲେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ପୋଲିସ ଏକ ବାଇକ୍ ଚୋରି ରାକେଟରେ ଚଢ଼ଉ କରି ୧୩ଟି ଚୋରା ବାଇକ୍ ଜବତ୍ କରିବା ସହ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଘଟଣା କିଛିଟା ଆଶ୍ୱସ୍ତ ଦେଇଛି । ସୂଚନାନୁଯାୟୀ, ରେଙ୍ଗାଲି ଥାନା ପୋଲିସ ଗତ ମଙ୍ଗଳବାର ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଦୁଇଟି ସନ୍ଦିଗ୍ଧ ଚୋରା ବାଇକକୁ ଅଟକାଇ ପଚରା ଉଚୁରା କରିଥିଲା । ଘଟଣାସ୍ଥଳରୁ ଅଜୟ କୁମ୍ଭାର ଫେରାର ହୋଇଯାଇଥିବା ବେଳେ ପୋଲିସ ନିରନ ସୁନା, ରାଜୁ ନାଗ ଓ ପ୍ରମୋଦ ତାଣ୍ଡିଆକୁ ଧରି ଥାନାକୁ ନେଇଥିଲା । ଥାନାରେ ଜେରା ହେବା ପରେ ରେଙ୍ଗାଲି ଥାନା ଅଂଚଳରୁ ଚୋରି ଯାଇଥିବା ବହୁ ବାଇକ୍ ସମ୍ପର୍କରେ ସୂଚନା ମିଳିଥିଲା । ଏପରିକି ପରବର୍ତ୍ତୀ ତଦନ୍ତରେ ଅଭିଯୁକ୍ତ ମାନେ ସମ୍ବଲପୁର ଅଂଚଳରୁ ମଧ୍ୟ ଏକାଧିକ ଦୁଇ ଚକିଆ ଗାଡି ଚୋରିରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ । ସେମାନଙ୍କ ସୂଚନା ଆଧାରରେ ପୋଲିସ ବିଭିନ୍ନ ସ୍ଥାନରୁ ମୋଟ ୧୩ଟି ଚୋରା ଦୁଇଚକିଆ ଗାଡ଼ି ଜବତ କରିବାରେ ସଫଳ ହୋଇଛି । ଏହି ଘଟଣାରେ ବୁର୍ଲା ଥାନା ଅନ୍ତର୍ଗତ ଝାରମୁଣ୍ଡା ଗୋଶାଳା ଅଂଚଳର ନିରନ ସୁନା, ଗୋଶାଳା ପଦମପଡ଼ା ଅଂଚଳର ରାଜୁ ନାଗ ଏବଂ ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ଶର୍କିର୍ଡା ଅଂଚଳର ପ୍ରମୋଦ ତାଣ୍ଡିଆ ଜଡିତ ବୋଲି ଜଣାପଡିଛି । ଏହି ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ଏଥିସହ ତଦନ୍ତ ଆଧାରରେ ରାଜେଶ ସାଗର ଓ କୈଳାସ ବାଗଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ଜବତ ଗାଡ଼ି ଗୁଡ଼ିକ ମଧ୍ୟରେ ରୟାଲ ଏନଫିଲ୍ଡ ବୁଲେଟ, ବଜାଜ ପଲସର, ଟିଭିଏସ୍ ଆପାଚି, ୟାମାହା ସାଇଗ୍ନସ୍‌ରେ ଜେଡ୍‌ଆର, ବଜାଜ୍ ଆଭେଞ୍ଜର, ସୁଜୁକି ଜିକ୍ସର, ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ଓ ହିରୋ ଜୁମ୍ ଆଦି ରହିଛି । ବାଇକ୍ ଚୋରି ନେଟ୍‌ୱାର୍କରେ ଜଡ଼ିତ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ଓ ଅଧିକ ସଂଖ୍ୟାରେ ଚୋରିଗାଡି ଗୁଡ଼ିକ ଜବତ କରିବା ଉପରେ ପୋଲିସ ଏବେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଯାଉଛି ବୋଲି ଜଣାପଡିଛି ।

# ଝାରସୁଗୁଡ଼ା-କନକତୋରା ରାସ୍ତା ପ୍ରଶସ୍ତୀକରଣ :
## ଜନ ଉପଯୋଗୀ ସେବା ସ୍ଥାନାନ୍ତର ନେଇ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

ଝାରସୁଗୁଡ଼ା,୨୨/୮(ନି/ପ୍ର): ଝାରସୁଗୁଡ଼ା ଠାରୁ କନକତୋରା ପର୍ଯ୍ୟନ୍ତ ପ୍ରସ୍ତାବିତ ୪ ଲେନ୍ ବିଶିଷ୍ଟ ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପ ଅଧୀନରେ ଆସୁଥିବା ସମସ୍ତ ଜନ ଉପଯୋଗୀ ସେବା (ପବ୍ଲିକ ୟୁଟିଲିଟି) ଗୁଡ଼ିକର ସ୍ଥାନାନ୍ତରଣ ପ୍ରକ୍ରିୟା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜମି ଅଧିଗ୍ରହଣ ଅଧିକାରୀ ବିନୟ ପଟେଲ ଉପସ୍ଥିତ ରହି ଅଧିଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିସହ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ପଦାଧିକାରୀ, ଗେଲ୍ ଇଣ୍ଡିଆ ଲିମିଟେଡ୍, ପାୱାର ଗ୍ରୀଡ୍, ବିଏସଏନଏଲ, ଓପିଟିସିଏଲ ଏବଂ ଟିପିଡବ୍ଲୁଓଡିଏଲ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଅଧିଗ୍ରହଣ ହେବାକୁ ଥିବା ଅଂଚଳ ମଧ୍ୟରେ ଥିବା ବିଦ୍ୟୁତ ତାର, ଖୁଂଟ, ଗ୍ୟାସ ଓ ପାନୀୟ ଜଳ ପାଇପଲାଇନ ଏବଂ ଟେଲିକମ୍ୟୁନିକେସନ କେବୁଲ ଆଦି




ସ୍ଥାନାନ୍ତର ପାଇଁ ଆବଶ୍ୟକ ଖର୍ଚ୍ଚ ଆକଳନ (ଏଷ୍ଟିମେଟ) ଯଥାଶୀଘ୍ର ଦାଖଲ କରିବାକୁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମ୍ପୃକ୍ତ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକଳ୍ପ କାର୍ଯ୍ୟ ଯେପରି ନିର୍ଦ୍ଧାରିତ ସମୟ ମଧ୍ୟରେ ଓ ବିନା ବାଧାରେ ସୁରୁଖୁରୁରେ ଆଗେଇ ପାରିବ, ସେଥିପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ସ୍ଥାନାନ୍ତର କାର୍ଯ୍ୟ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ପୁରୀ ବିଚ୍ ଫଟୋଗ୍ରାଫର ମହସଂଘ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

ପୁରୀ,୨୨/୮(ନି/ପ୍ର): ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘ ତରଫରୁ ବିଶ୍ୱ ଫଟୋଗ୍ରାଫି ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ରାଲି ପୁରୀ ସମୁଦ୍ରକୂଳ ଠାରେ ସକାଳେ ଅନୁଷ୍ଠିତ ହୋଇଥିଲା । ଏହି ରାଲିକୁ ପୁରୀ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ସମୁଦ୍ରକୂଳ ଥାନା ଅଧିକାରୀ ମାନସ ଚକ୍ରା ଉଦଘାଟନ କରିଥିଲେ । ରାଲି ଦିଗବାରେଣୀ ଖୁଣ୍ଟି ଠାରୁ ଆରମ୍ଭ ହୋଇ ହଂସ କୋକୋପାମ ପାଖରେ ଶେଷ ହୋଇଥିଲା । ସନ୍ଧ୍ୟାରେ ପୁରୀ ପୌରସଦନ ଠାରେ ଏକ ସ୍ୱତନ୍ତ୍ର ଉତ୍ସବ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟ ମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ପୁରୀ ସମୁଦ୍ର କୂଳରେ କେହି ଯେପରି ନିଜର ଜୀବନ ଜୀବିକା ନ ହରେଇବେ ସେଥିପାଇଁ ଦୃଷ୍ଟି ଦେଇ ପୁରୀ ବେଳାଭୂମିର ଉନ୍ନତିକରଣ କରାଯିବ ବୋଲି କହିଥିଲେ । ଏହା ସହିତ ଫଟୋଗ୍ରାଫର ମାନଙ୍କ ପାଇଁ ଯେମିତି ଖୁବ୍ ଶୀଘ୍ର ପରିଚୟ ପତ୍ର ପ୍ରଦାନ କରାଯିବ ଆଗାମୀ ସାତ ଦିନ ଭିତରେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସାଂସଦ ଡ. ସମ୍ବିତ୍ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଫଟୋଗ୍ରାଫି ଓ ପର୍ଯ୍ୟଟନ ଅଙ୍ଗା ଅଙ୍ଗି ଭାବରେ ଜଡ଼ିତ ଓ ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘ ଏକ ଶୃଙ୍ଖଳିତ ସଂଘ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବରେ ଯୋଗଦେଇ ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘ ପରାମର୍ଶଦାତା ସିଦ୍ଧାର୍ଥ ରାୟ ଓ ଆଡଭୋକେଟ୍ ଶ୍ରୀକାନ୍ତ ପରିଜା ମହାସଂଘର ବିଭିନ୍ନ ଦାବି ସମ୍ପର୍କରେ ସୂଚନା ଦେଇଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ଫଟୋଗ୍ରାଫର ସଂଘର ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ଓ ଉପସଭାପତି ଦେବେନ୍ଦ୍ର କୁମାର ନନ୍ଦ, ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ଦିଗଦର୍ଶନ ପଟ୍ଟନାୟକ, ଉମାକାନ୍ତ ନାୟକ, ସମ୍ବିତ୍ ରାୟ ପ୍ରମୁଖ ମଚାଂସିନ ଥିଲେ । ଅନୁଷ୍ଠାନ ସଭାପତି ରଞ୍ଜନ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାସଂଘ ସମ୍ପାଦକ ଶିଙ୍ଗିଲି ଶିବା ବାର୍ଷିକ ବିବରଣୀ ପାଠ କରିଥିଲେ ।ଏହି ଅବସରରେ ଆଗାମୀ ଦିନରେ ରାଜଧାନୀରେ ହେବାକୁ ଥିବା ଫଟୋ ଫେୟାର ର ପୋଷ୍ଟରକୁ ଅତିଥି ମାନେ ଉନ୍ମୋଚନ କରିଥିଲେ ।

# ଆକସ୍ମିକ କ୍ଷେତ୍ର ପରିଦର୍ଶନ କରି ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କଲେ ଜିଲ୍ଲାପାଳ



ନବରଂଗପୁର,୨୨/୮(ନି/ପ୍ର): ନବରଙ୍ଗପୁର ଜିଲ୍ଲାରେ ସରକାରୀ ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଉପଲବ୍ଧ ସେବାର ଗୁଣବତ୍ତା, ପରିଚାଳନା ବ୍ୟବସ୍ଥା ଏବଂ ଜନସାଧାରଣଙ୍କୁ ମିଳୁଥିବା ସୁବିଧାର ତଦାରଖ ପାଇଁ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ନବରଙ୍ଗପୁର ବ୍ଲକର ବିଭିନ୍ନ ଅନୁଷ୍ଠାନକୁ ଆକସ୍ମିକ ପରିଦର୍ଶନ କରିଛନ୍ତି । ଜିଲ୍ଲାପାଳ ନବରଙ୍ଗପୁର ବ୍ଲକ ଅନ୍ତର୍ଗତ ଦିଗାଗୁଡ଼ା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ । ସେ ଛାତ୍ରଛାତ୍ରୀମାନଙ୍କ ସହ ସିଧାସଳଖ ଭାବେ ଆଲୋଚନା କରି ସେମାନଙ୍କର ପାଠପଢ଼ା, ଶିକ୍ଷାଗତ ଅଗ୍ରଗତି ଓ ବିଦ୍ୟାଳୟରେ ମିଳୁଥିବା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ପ୍ରାଥମିକ ସ୍ତରରେ ଶିଶୁମାନଙ୍କର ମଜବୁତ ଭିତ୍ତିଭୂମି ସୃଷ୍ଟି ପାଇଁ ଗୁଣାତ୍ମକ ଓ ଶିଶୁକେନ୍ଦ୍ରିକ ଶିକ୍ଷାଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହା ସହିତ ଜିଲ୍ଲାପାଳ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ରୋଷେଇଘର ପରିଦର୍ଶନ କରି ସ୍ୱଚ୍ଛତା, ପରିମଳ ଓ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା ତଦାରଖ କରିଥିଲେ । ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ, ପୁଷ୍ଟିକର ଓ ଗୁଣାତ୍ମକ ମଧ୍ୟାହ୍ନ ଭୋଜନ ଯୋଗାଇବା ସହିତ ରୋଷେଇଘର ଓ ଏହାର ପରିବେଶକୁ ସର୍ବଦା ସ୍ୱଚ୍ଛ ରଖିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକମାନଙ୍କ ସହ ଆଲୋଚନା କରି ଶିକ୍ଷାଦାନର ମାନ ବୃଦ୍ଧି ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ ଅଧିକ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ । ପରେ ଜିଲ୍ଲାପାଳ ସାନମୋସିଗାଁ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ପରିଦର୍ଶନ କରି ସେଠାରେ ରୋଗୀ ସେବାର ସ୍ଥିତି ସମୀକ୍ଷା କରିଥିଲେ । ସେ ଚିକିତ୍ସକ, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ମିଳୁଥିବା ସେବା, ଆବଶ୍ୟକ ସୁବିଧା ଏବଂ ଦୈନନ୍ଦିନ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅବଗତ ହୋଇଥିଲେ । ଏଥିସହ ରୋଗୀମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନେ ପାଉଥିବା ଚିକିତ୍ସା ଓ ଅନ୍ୟାନ୍ୟ ସେବା ସମ୍ପର୍କରେ ମତାମତ ନେଇଥିଲେ । ଜିଲ୍ଲାପାଳ ସିଏଚ୍ ?ସିର କେନ୍ଦ୍ରୀୟ ଔଷଧ ଭଣ୍ଡାର ମଧ୍ୟ ନିରୀକ୍ଷଣ କରି ଆବଶ୍ୟକୀୟ ଔଷଧର ଉପଲବ୍ଧତା ଓ ମହଜୁଦ ପରିମାଣ ଯାଂଚ କରିଥିଲେ । ରୋଗୀମାନଙ୍କ ଚିକିତ୍ସାରେ ଯେପରି କୌଣସି ଆବଶ୍ୟକୀୟ ଔଷଧର ଅଭାବ ନ ହୁଏ, ସେଥିପାଇଁ ନିୟମିତ ଭାବେ ଔଷଧ ମହଜୁଦ ସ୍ଥିତି ଯାଂଚ କରି ଆବଶ୍ୟକତା ଅନୁଯାୟୀ ପୂର୍ବରୁ ଔଷଧ ଯୋଗାଣ ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହାପରେ ଜିଲ୍ଲାପାଳ ସାନମୋସିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ପାଠପଢ଼ା ଓ ଶିକ୍ଷାଦାନ ସମ୍ପର୍କରେ ମତାମତ ନେଇଥିଲେ । ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପାଇଁ ଥିବା ରୋଷେଇଘରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ମଧ୍ୟ ଯାଂଚ କରିଥିଲେ । ବିଦ୍ୟାଳୟର ଶିକ୍ଷକମାନଙ୍କ ସହ ଆଲୋଚନା ସମୟରେ ଜିଲ୍ଲାପାଳ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଦକ୍ଷତା ବୃଦ୍ଧି, ନିୟମିତ ଉପସ୍ଥାନ ଏବଂ ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତି ଉପରେ ଗୁରୁତ୍ୱ ଦେଇଥିଲେ । ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଶିକ୍ଷା ସହିତ ସେମାନଙ୍କର ନୈତିକ, ସାମାଜିକ ଓ ସୃଜନଶୀଳ ବିକାଶ ପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ଆକସ୍ମିକ ପରିଦର୍ଶନ ମାଧ୍ୟମରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଜିଲ୍ଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସେବାଗୁଡ଼ିକର ଗୁଣବତ୍ତା ଏବଂ ସୁଚାରୁ ପରିଚାଳନାକୁ ସର୍ବାଧିକ ପ୍ରାଥମିକତା ଦେଉଥିବା ସ୍ପଷ୍ଟ କରିଛନ୍ତି ।




## ଓଡ଼ିଶା ରାଜ୍ୟ ଅନୂର୍ଦ୍ଧ୍ୱ-୧୭ ଓପନ୍ ଓ ବାଳିକା ଫିଡେ ରେଟେଡ୍ ଚେସ୍ ଚାମ୍ପିୟନଶିପ୍ ୨୦୨୬ ଉଦ୍‌ଘାଟିତ




ରାଉରକେଲା,୨୨/୮(ନି/ପ୍ର): ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ଚାରି ଦିନିଆ ଓଡ଼ିଶା ରାଜ୍ୟ ଅନୂର୍ଦ୍ଧ୍ୱ-୧୭ ଓପନ୍ ଓ ବାଳିକା ଫିଡେ ରେଟେଡ୍ ଚେସ୍ ଚାମ୍ପିୟନଶିପ୍ ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍‌ରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଯୁବ ଚେସ୍ ପ୍ରତିଭାମାନେ ଭାଗ ନେଇଛନ୍ତି। ଏହି ଉତ୍ସବକୁ ମୁଖ୍ୟଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜନ କମିଟି ଅଧ୍ୟକ୍ଷ ତଥା ଆରଏସ୍‌ପିର ପୂର୍ବତନ ସିଜିଏମ୍ ପ୍ରତାପ କୁମାର ସ୍ୱାଇଁ, ଗ୍ରାଣ୍ଡ ମାଷ୍ଟର ସ୍ୱୟଂ ମିଶ୍ର, ସର୍ବ ଓଡ଼ିଶା ଚେସ୍ ଆସୋସିଏସନ୍‌ର ପୂର୍ବତନ ସଭାପତି ଜି.ସି. ମହାପାତ୍ର, ଯୁଗ୍ମ ସମ୍ପାଦକ ତଥା ଭାରପ୍ରାପ୍ତ ସମ୍ପାଦକ ଭବେଶ ମହାନ୍ତି, ସୁନ୍ଦରଗଡ଼ ଜିଲ୍ଲା ଚେସ୍ ଆସୋସିଏସନ୍‌ର ସଭାପତି ଶରତ କୁମାର ଦାସ, ମୁଖ୍ୟ ଅର୍ବିଟର ଆଇଏ ସୁରେଶ ଚନ୍ଦ୍ର ସାହୁ ଏବଂ ଡେପୁଟି ମୁଖ୍ୟ ଅର୍ବିଟର ଏଫଏ ପ୍ରକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ଦିବସରେ ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରତିଯୋଗିତାରେ ରାଜ୍ୟର ୧୨ଟି ଜିଲ୍ଲାରୁ ମୋଟ ୧୩୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲା ବେଳେ ଏଥିମଧ୍ୟରୁ ଓପନ୍ ବିଭାଗରେ ୧୦୩ ଜଣ ଏବଂ ବାଳିକା ବିଭାଗରେ ୩୬ ଜଣ ଖେଳାଳି ଅଛନ୍ତି। ଓପନ୍ ବିଭାଗରେ ୩୧ ଜଣ ରେଟେଡ୍ ଖେଳାଳି ଥିବା ବେଳେ ବାଳିକା ବିଭାଗରେ ୧୧ ଜଣ ରେଟେଡ୍ ଖେଳାଳି ଅଛନ୍ତି। ଉଭୟ ଚାମ୍ପିୟନଶିପ୍ ସୁଇସ୍ ଲିଗ୍ ପଦ୍ଧତିରେ ୮ ରାଉଣ୍ଡ ବିଶିଷ୍ଟ ହେବ । ସୂଚନାଯୋଗ୍ୟ ଯେ, ଉଭୟ ବିଭାଗର ଶ୍ରେଷ୍ଠ ଦୁଇ ଜଣ ଖେଳାଳି ଆସନ୍ତା ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଜମ୍ମୁ-କାଶ୍ମୀର କାଙ୍ଗଡା ଫୋର୍ଟ, ବର୍ନାଇଠାରେ ଅନୁଷ୍ଠିତ ହେବାକୁଥିବା ଜାତୀୟ ଅନୂର୍ଦ୍ଧ୍ୱ-୧୭ ଓପନ୍ ଓ ବାଳିକା ଚେସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତାକୁ ସ୍ୱରୁପାମୟୀ ଦାଶ, ବିଷ୍ଣୁପ୍ରିୟା ସାମଲ, ସତ୍ୟଜିତ ବାରିକ, ଚନ୍ଦ୍ରଶେଖର ପଣ୍ଡା, ଦିନେଶ କୁମାର ବେହେରା, ଯୋଗବନ୍ତୀ ବେହେରା,ପ୍ରଭାତ ଦାସ, ପ୍ରଦୀପ ବିଶୋଇ, ପ୍ରଶାନ୍ତ କୁମାର ବିହାରୀ, ଜୟନ୍ତ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଘୋଘରଧାମରେ ବିରାଟ ଭଣ୍ଡାରାର ଆୟୋଜନ



ରାଜଗାଙ୍ଗପୁର,୨୨/୮(ନି/ପ୍ର): ପ୍ରସିଦ୍ଧ ଶୈବପୀଠ ଘୋଘରଧାମ ଶିବ ମନ୍ଦିର ପରିସରରେ ଯୁଗଳ କିଶୋର ସତୀଶ କୁମାର ଅଗ୍ରୱାଲ ପରିବାର ପକ୍ଷରୁ ଏକ ବିରାଟ ଭଣ୍ଡାରାର ଆୟୋଜନ କରାଯାଇଥିଲା। ମନ୍ଦିର ପରିସରରେ ଶ୍ରୀ ଭୋଲେନାଥଙ୍କୁ ଅଲୌକିକ ଉପାୟରେ ଫୁଲରେ ସଜ୍ଜିତ କରାଯାଇଥିଲା। ପଣ୍ଡିତମାନଙ୍କ ଦ୍ୱାରା ପୂଜା କରାଯିବା ପରେ, ଅପରାହ୍ନ ୧ଟାରୁ ୪ଟା ପର୍ଯ୍ୟନ୍ତ ଏକ ବିଶାଳ ଭଣ୍ଡାରାର ଆୟୋଜନ କରାଯାଇଥିଲା। ଶ୍ରୀ ଭୋଲେନାଥଙ୍କୁ ଜଳ ଅର୍ପଣ କରିବା ପରେ ଶହ ଶହ ଶିବ ଭକ୍ତ ପ୍ରସାଦ ସେବନ କରିଥିଲେ। ଏହି ବିଶାଳ ଭଣ୍ଡାରାକୁ ସଫଳ କରିବାରେ ସଞ୍ଜୟ ଅଗ୍ରୱାଲ, ସତୀଶ ଅଗ୍ରୱାଲ, ଶ୍ରବଣ ଅଗ୍ରୱାଲ ଏବଂ ଅଗ୍ରୱାଲ ପରିବାରର ସଦସ୍ୟମାନେ ସକ୍ରିୟ ଅବଦାନ ଗ୍ରହଣ କରିଥିଲେ। ଶ୍ରାବଣ ମାସର ତୃତୀୟ ଶନିବାର ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାଜଗାଙ୍ଗପୁର ସମେତ ରାଉରକେଲା ଏବଂ ନିକଟବର୍ତ୍ତୀ ଅଞ୍ଚଳର ଭକ୍ତମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମନ୍ଦିର କମିଟି ପକ୍ଷରୁ ମନ୍ଦିରକୁ ସଫାସୁତୁରା କରାଯିବା ସହିତ ଭକ୍ତମାନଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ଘୋଘରଧାମରେ ଆଜି ସକାଳଠାରୁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ସେପ୍ଟେମ୍ବର ୧ରୁ ଅନ୍ତର୍ଜାତୀୟ ଯାତ୍ରୀଙ୍କ ପାଇଁ ଲାଗୁ ହେବ ନୂଆ ନିୟମ



ନୂଆଦିଲ୍ଲୀ,୨୨/୮: ଅନ୍ତର୍ଜାତୀୟ ଯାତ୍ରୀଙ୍କ ପାଇଁ ୨୦୨୬ ସେପ୍ଟେମ୍ବର ୧ ଠାରୁ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଦେଶର ଯେକୌଣସି ଅନ୍ତର୍ଜାତୀୟ ବିମାନବନ୍ଦରରେ ଇମିଗ୍ରେସନ୍ କ୍ଲିୟରାନ୍ସ ପାଇଁ ଯାତ୍ରୀମାନଙ୍କୁ ଆଉ ଫିଜିକାଲ ବୋର୍ଡିଂ ପାସ୍ ଦେଖାଇବାକୁ ପଡିବ ନାହିଁ କିମ୍ବା ଏଥିରେ ଇମିଗ୍ରେସନ୍ ଷ୍ଟାମ୍ପ ଲଗାଇବାକୁ ପଡିବ ନାହିଁ। ଏହା ବଦଳରେ, ସେମାନେ କେବଳ ସେମାନଙ୍କ ମୋବାଇଲ୍ ଫୋନରେ ଇ-ବୋର୍ଡିଂ ପାସ୍ ଦେଖାଇ ଇମିଗ୍ରେସନ୍ ପ୍ରକ୍ରିୟା ସମାପ୍ତ କରିପାରିବେ। ନୂତନ ବ୍ୟବସ୍ଥା ଅନୁଯାୟୀ, ଯାତ୍ରୀମାନେ ସେମାନଙ୍କ ମୋବାଇଲ୍ ଫୋନରେ ଥିବା ଇ-ବୋର୍ଡିଂ ପାସ୍ ଦେଖା ଇ ଇମିଗ୍ରେସନ୍ କାଉଣ୍ଟରରେ କ୍ଲିୟରାନ୍ସ ପାଇପାରିବେ। ଏଣିକି ବୋର୍ଡିଂ ପାସର ଏକ ଫିଜିକାଲ କପିକୁ ସୁରକ୍ଷିତ ରଖିବା କିମ୍ବା ସେଥିରେ ଇମିଗ୍ରେସନ୍ ଷ୍ଟାମ୍ପ ଲଗାଇବା ଆବଶ୍ୟକତା ହେବ ନାହିଁ। ଏହି ପଦକ୍ଷେପର ଲକ୍ଷ୍ୟ ଇମିଗ୍ରେସନ୍ ପ୍ରକ୍ରିୟାକୁ ସରଳ, ଦ୍ରୁତ ଏବଂ ଡିଜିଟାଲାଇଜ କରିବା।ଫିଜିକାଲ ବୋର୍ଡିଂ ପାସ୍ ଧରିଥିବା ଯାତ୍ରୀମାନଙ୍କୁ ଏହି ନୂତନ ବ୍ୟବସ୍ଥାରେ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ; ସେମାନେ ସେମାନଙ୍କର ଫ୍ରିଣ୍ଟେଡ କପି ସହିତ ଯାତ୍ରା ଜାରି ରଖିପାରିବେ। ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ଇମିଗ୍ରେସନ ପାଇଁ ଆଉ ଫିଜିକାଲ ବୋର୍ଡିଂ ପାସ ଉପରେ ଷ୍ଟାମ୍ପ ଲଗାଯିବ ନାହିଁ। ଇମିଗ୍ରେସନ ବ୍ୟୁରୋ ଏହି ନୂତନ ବ୍ୟବସ୍ଥା ବିଷୟରେ ବିମାନବନ୍ଦର ଅପରେଟର, ପ୍ରାସଙ୍ଗିକ ଅଂଶୀଦାର ଏବଂ ସିଆଇଏସଏଫକୁ ସୂଚନା ଦେଇଛି। ନୂତନ ଡିଜିଟାଲ୍ ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ ପ୍ରସ୍ତୁତି କରିବାକୁ ସମସ୍ତ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୂତନ ବ୍ୟବସ୍ଥା ୨୦୨୬ ସେପ୍ଟେମ୍ବର ୧ରେ ଦେଶର ସମସ୍ତ ଅନ୍ତର୍ଜାତୀୟ ବିମାନବନ୍ଦରରେ କାର୍ଯ୍ୟକାରୀ ହେବ। ଏହା ପରେ, ଅନ୍ତର୍ଜାତୀୟ ଯାତ୍ରୀଙ୍କ ପାଇଁ ଇମିଗ୍ରେସନ କ୍ଲିୟରାନ୍ସ ପାଇଁ ମୋବାଇଲ୍ ଫୋନରେ ଏକ ଇ-ବୋର୍ଡିଂ ପାସ୍ ଯଥେଷ୍ଟ ହେବ। ଏହି ପଦକ୍ଷେପ ଯାତ୍ରୀମାନଙ୍କୁ କାଗଜପତ୍ରରୁ ମୁକ୍ତି ଦେବ ଏବଂ ବିମାନବନ୍ଦର ଇମିଗ୍ରେସନ ପ୍ରକ୍ରିୟାକୁ ଅଧିକ ସୁବିଧାଜନକ କରିବ।

## ବାର କାଉନସିଲ ଅଫ ଇଣ୍ଡିଆର ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ଇସ୍ତଫା ଦାବିରେ ରାଷ୍ଟ୍ରପତିଙ୍କୁ ଏଆଇଏଲ୍‌ୟୁର ସ୍ମାରକ ପତ୍ର ପ୍ରଦାନ




ରାଉରକେଲା,୨୨/୮(ନି/ପ୍ର): ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ ଆହ୍ୱାନରେ ଆଜି ଦେଶବ୍ୟାପୀ ବିଭିନ୍ନ ବାରର ଆଇନଜୀବୀ ମାନେ ବାର କାଉନସିଲ ଅଫ ଇଣ୍ଡିଆ ର ଅଧ୍ୟକ୍ଷ ଶ୍ରୀ ମନନ କୁମାର ମିଶ୍ରଙ୍କ ଏକଚାଟିଆ, ମନମୁଖୀ କାର୍ଯ୍ୟ, ଦେଶର ଆଇନଜୀବୀ ମାନଙ୍କ ସାମୂହିକ ସ୍ୱାର୍ଥ ପ୍ରଦାନ ରେ ବିଫଳ, ନିରପେକ୍ଷତା ଓ ସ୍ୱଚ୍ଛତା ଏବଂ ପଦବୀର ଦୁରୁପଯୋଗ କରିବା ଅଭିଯୋଗ କରି ବିକ୍ଷୋଭ, ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ କରି ତୁରନ୍ତ ବାର କାଉନସିଲ ଅଫ ଇଣ୍ଡିଆର ଅଧ୍ୟକ୍ଷ ପଦରୁ ସେ ଇସ୍ତଫା ପ୍ରଦାନ କରିବା ଦାବିରେ କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା ବେଳେ ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ, ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ଆଇନଜୀବୀ ମାନଙ୍କ ଏକ ପ୍ରତିନିଧି ଦଳ ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ରାମ ପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁ ଙ୍କ ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ବାର କାଉନସିଲ ଅଫ ଇଣ୍ଡିଆ ଆଇନ୍ ବୃତ୍ତିର ପ୍ରତିନିଧିତ୍ୱ କରୁଥିବା ସର୍ବୋଚ୍ଚ ବୈଧାନିକ ସଂସ୍ଥା।ଏହା ଗଣତାନ୍ତ୍ରିକ, ସ୍ୱାଧୀନ, ରାଜନୈତିକ ଭାବରେ ନିରପେକ୍ଷ ଏବଂ ଅଧିବକ୍ତା ଆଇନ -୧୯୬୧ ପ୍ରତି ବିଶ୍ୱସ୍ତ ରହିବା ଆବଶ୍ୟକ। ଦୁଃଖର ବିଷୟ ଶ୍ରୀ ମନନ କୁମାର ମିଶ୍ରଙ୍କ ୧୪ ବର୍ଷରୁ ଅଧିକ ସମୟ ଧରି ଅଧ୍ୟକ୍ଷ ପଦରେ ଅବ୍ୟାହତ ରହିବା ସହିତ ପ୍ରତିଷ୍ଠାନଗତ କ୍ଷମତାର ବଢୁଥିବା କେନ୍ଦ୍ରୀକରଣ ଓ ବ୍ୟକ୍ତି କେନ୍ଦ୍ରୀକରଣ ବିସିଆଇର ଗଣତାନ୍ତ୍ରିକ କାର୍ଯ୍ୟପ୍ରଣାଳୀ ପ୍ରତି ଆସ୍ଥାକୁ ଗୁରୁତର ଭାବରେ କ୍ଷୟ କରିଛି। ଶ୍ରୀ ମିଶ୍ର ରାଜ୍ୟସଭାକୁ ନିର୍ବାଚିତ ହେବା ତାଙ୍କ ଉପରେ ନିଜର ରାଜନୈତିକ ଭୂମିକା ଓ ବୈଧାନିକ ପଦ ମଧ୍ୟରେ ସ୍ପଷ୍ଟ ପୃଥକତା ବଜାୟ ରଖିବାର ଆହୁରି ବଡ ଦାୟିତ୍ୱ ଦେଇଛି। କିନ୍ତୁ ବି ସି ଆଇ ର ଅଧ୍ୟକ୍ଷ ପଦକୁ ଉଲ୍ଲେଖ କରି ବାରମ୍ବାର କରାଯାଉଥିବା ଘୋଷଣା ଗୁଡ଼ିକ ଦ୍ୱାରା ପ୍ରତିଷ୍ଠାନ ଠାରୁ ଆଶା କରାଯାଉଥିବା ରାଜନୈତିକ ନିରପେକ୍ଷତା କ୍ଷୁର୍ଣ୍ଣ ହୋଇଛି ବୋଲି ଏକ ଦୃଢ଼ ଧାରଣା ସୃଷ୍ଟି ହୋଇଛି। ସଂପ୍ରତି ଘଟିଥିବା ନାଲସାର ଘଟଣା, ଯେଉଁଥିରେ କିଛି ଛାତ୍ରଙ୍କ ସହ ଜଡ଼ିତ ଏକ ପ୍ରତିବାଦ କାରଣରୁ ଆଇନ ସ୍ନାତକ ମାନଙ୍କ ର ଏକ ସଂପୂର୍ଣ୍ଣ ବ୍ୟାଚ୍ କୁ ନାମ ଲେଖାରୁ ବଂଚିତ କରିବାକୁ ଚେଷ୍ଟା କରାଯାଇଥିଲା,କର୍ତ୍ତୃତ୍ୱର ମନମାନୀ ପ୍ରୟୋଗ ଏବଂ ଭିନ୍ନମତ ପ୍ରତି ଅସହିଷ୍ଣୁତାର ଏକ ଚିନ୍ତାଜନକ ଉଦାହରଣ। ପରବର୍ତ୍ତୀ ସମୟରେ ସେହି ନିର୍ଦ୍ଦେଶ ପ୍ରତ୍ୟାହାର କରାଯିବା ଓ କ୍ଷମାପ୍ରାର୍ଥନା କରାଯିବା ଦ୍ୱାରା ଏପରି ଏକ ପଦକ୍ଷେପର ଗମ୍ଭୀରତା କୁ ଦୂର କରାଯାଇପାରିବ ନାହିଁ। ଯାହା ଏକ ସଂପୂର୍ଣ୍ଣ ବ୍ୟାଚ୍ ର ଯୁବ ଆଇନ ସ୍ନାତକ ମାନଙ୍କର ବୃତ୍ତିଗତ ଭବିଷ୍ୟତ କୁ ବିପଦରେ ପକାଇଥିଲା । ବି ସି ଆଇ କ୍ଷମତା ର ବଢୁଥିବା କେନ୍ଦ୍ରୀକରଣ, ରାଜ୍ୟ ବାର କାଉନସିଲ ଗୁଡ଼ିକର ଗଣତାନ୍ତ୍ରିକ କାର୍ଯ୍ୟ ପ୍ରଣାଳୀରେ ବାରମ୍ବାର ହସ୍ତକ୍ଷେପ ସହିତ ଅନେକ ଅଗଣତାନ୍ତ୍ରିକ କାର୍ଯ୍ୟରେ ଲିପ୍ତ ରହିଛନ୍ତି ବି ସି ଆଇ ଅଧ୍ୟକ୍ଷ। ବାର କାଉନସିଲ ଅଫ ଇଣ୍ଡିଆ ଭାରତର ଆଇନଜୀବୀ ମାନଙ୍କର ସଂସ୍ଥା।ଏହା କୌଣସି ବ୍ୟକ୍ତି, ସରକାର କିମ୍ବା ରାଜନୈତିକ ଦଳର ନୁହେଁ।ବାର ର ସ୍ୱାଧୀନତା ର ସୁରକ୍ଷା ଦାୟିତ୍ୱ ଯେଉଁ ସଂସ୍ଥା ଉପରେ ନ୍ୟସ୍ତ ସେହି ସଂସ୍ଥା ନିଜେ ମଧ୍ୟ ସ୍ୱାଧିନ, ଗଣତାନ୍ତ୍ରିକ ଏବଂ ରାଜନୈତିକ ପ୍ରଭାବରୁ ମୁକ୍ତ ରହିବା ଆବଶ୍ୟକ। ବର୍ତ୍ତମାନ ର ଅଧ୍ୟକ୍ଷ ଶ୍ରୀ ମନନ କୁମାର ମିଶ୍ର ପଦରେ ଅବ୍ୟାହତ ରହିବା ବି ସି ଆଇ ପ୍ରତି ଆଇନଜୀବୀ ମାନଙ୍କ ଥିବା ଆସ୍ଥା, ମର୍ଯ୍ୟାଦା ଏବଂ ଗଣତାନ୍ତ୍ରିକ କାର୍ଯ୍ୟ ପ୍ରଣାଳୀକୁ ପୁନଃ ସ୍ଥାପିତ କରିବାର ଆବଶ୍ୟକତା ସହ ସୁସଙ୍ଗତ ନୁହେଁ, ତେଣୁ ମହାମହିମ ରାଷ୍ଟ୍ରପତି ନିକଟରେ ଦେଶର ଆଇନଜୀବୀ ମାନେ ତତକ୍ଷଣାତ୍ ତାଙ୍କର ଇସ୍ତଫା ଦାବି କରିଛନ୍ତି। ଏହି ପ୍ରତିନିଧି ଦଳ ରେ ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ, ସୁନ୍ଦରଗଡ଼ ଜିଲ୍ଲା କମିଟି ର କାର୍ଯ୍ୟକାରୀ ସଭାପତି ଅରିନ୍ଦମ ଦନ୍ତ,ଉପ ସଭାପତି ଚନ୍ଦ୍ରଭାନୁ ଦାଶ, ସୁଶାନ୍ତ କୁମାର ନାୟକ ସଂପାଦକ ରାଜ କିଶୋର ପ୍ରଧାନ, ସନ୍ତୋଷ କୁମାର ବିଶ୍ୱାଳ, ସଂଜୟ ବେହୁରା, ପ୍ରମୋଦ କୁମାର ବାରିକ, ଗଙ୍ଗାଧର କିଶାନ ସମେତ ଅନ୍ୟମାନେ ସାମିଲ ଥିଲେ।

## ଶାନ୍ତିଲତା ମହାପାତ୍ରଙ୍କ ବିୟୋଗରେ ପଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ, ୨୨/୮(ନି/ପ୍ର):ଲୋକପ୍ରିୟ ଶିକ୍ଷୟିତ୍ରୀ ଓ ସମାଜସେବିକା ଶାନ୍ତିଲତା ମହାପାତ୍ରଙ୍କ ବିୟୋଗରେ ଭଦ୍ରକ ଅବସରପ୍ରାପ୍ତ ସରକାରୀ କର୍ମଚ୍ରରୀ ସଂଘ ଓ ବରିଷ୍ଠ ନାଗରିକ ମଂଚର ମିଳିତ ଆନୁକୁଲ୍ୟରେ ଏକ ପଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭା ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଶ୍ରଦ୍ଧାଂଜଳି ସଭାରେ କର୍ମଚାରୀ ସଂଘର ଉପସଭାପତି ତଥା ବରିଷ୍ଠ ସାହିତ୍ୟିକ ହରମୋହନ କୁଅଁର ଅଧ୍ୟକ୍ଷତା କରିଥିଲେ । ସଭାପତିଙ୍କ ଅନୁରୋଧ କ୍ରମେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ଏବଂ ଅନ୍ୟତମ ବରିଷ୍ଠ ସଦସ୍ୟ ତଥା ପ୍ରେମପୃଥିବୀ ପତ୍ରିକାର ସଂପାଦକ ଶ୍ରୀ କୈଳାସ ଚନ୍ଦ ପଣ୍ଡା ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶ୍ରଦ୍ଧା ସୁମନ ଅର୍ପଣ କରିବା ପରେ ଉପସ୍ଥିତ ସଦସ୍ୟଗଣ ଶାନ୍ତି ଦେବୀଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । ଉକ୍ତ ପଥପ୍ରାନ୍ତ ଶ୍ରଦ୍ଧାଂଜଳି ସଭାରେ କରୁଣାକର ଉପାଧ୍ୟାୟ, ଅଜିତ୍ କୁମାର ନାୟକ, ଅକ୍ଷୟ କୁମାର ହୋତା, ଶାନ୍ତିଲତା ବରିକ୍, ବିନୟ କୁମାର ପଣ୍ଡା, ଯୁଧିଷ୍ଠିର ବାରିକ୍, ମଦନ ମୋହନ ନାୟକ, ମୁକ୍ତିକାନ୍ତ ମହାପାତ୍ର, ନିରଞ୍ଜନ ବିଶ୍ୱାଳ, ଶ୍ରୀଧର ଦାସ, ଆଦିତ୍ୟ କୁମାର ଗୋସ୍ୱାମୀ, ଜିତେନ୍ଦ୍ର ନାରାୟଣ ମହାପାତ୍ର, ଅଜିତ୍ କୁମାର ଦାସ, ଯତୀନ୍ଦ୍ର ନାୟକ, ରବୀନ୍ଦ୍ର କୁମାର ମହାରଣା, ପ୍ରଦୀପ୍ତ କୁମାର ଦାସ, ଦିଲୀପ କୁମାର ନାୟକ, ବାଦଲ କିଶୋର ମହାପାତ୍ର, ଅରବିନ୍ଦ ବସନ୍ତରାୟ, ଅରୁଣ କୁମାର ମିତ୍ର, ଗୋଲକ ବିହାରୀ ସାହୁ,ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ।

## ଜିଲ୍ଲାସ୍ତରୀୟ ଏଡ୍‌ସ କୁଇଜ୍ ପ୍ରତିଯୋଗିତା

ସୁବର୍ଣ୍ଣପୁର, ୨୨/୮(ନି/ପ୍ର): ଏଚ୍‌ଆଇଭି/ଏଡ୍‌ସ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଓ ଜ୍ଞାନବୃଦ୍ଧି ଉଦ୍ଦେଶ୍ୟରେ ସୋନପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଏଡ୍‌ସ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୬ ଗୋଟି ବ୍ଲକ୍‌ରୁ ମୋଟ ୧୨ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସୋନପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଜ୍ଞା ପରମିତା ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସୋନପୁର ଜିଲ୍ଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେର ଯୋଗଦେଇ ଏଡ୍‌ସର ପ୍ରତିରୋଧ, ସଚେତନତା ଓ ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିଙ୍କ ପ୍ରତି ସମାଜର ସକାରାତ୍ମକ ଦୃଷ୍ଟିଭଙ୍ଗୀର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜେଆର୍‌ସିଓ ଚନ୍ଦ୍ରମଣି ବାଘ ଏବଂ ସିନିୟର ଆର୍ପି ଚନ୍ଦ୍ରଶେଖର ମହାପାତ୍ର ଉପସ୍ଥିତ ରହିଥିଲେ। ଡିଏଚ୍‌ଏଚ୍, ସୋନପୁରସ୍ଥିତ ଆଇସିଟିସିର ଜିଲ୍ଲା ଆଇସିଟିସି ସୁପରଭାଇଜର ସୁଦାମ ପଧାନ ଏବଂ ଡିଏସ୍‌ଆର୍‌ସି କାଉନସେଲର ସନ୍ତୋଷ କୁମାର ସାହୁଙ୍କ ସମେତ ବିଭିନ୍ନ କାଉନସେଲର ଓ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ସଫଳ କରିବାରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଏଚ୍‌ଆଇଭି/ଏଡ୍‌ସର କାରଣ, ସଂକ୍ରମଣର ମାଧ୍ୟମ, ପ୍ରତିରୋଧ ବ୍ୟବସ୍ଥା, ଚିକିତ୍ସା ଓ ସଚେତନତା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଉପରେ ପ୍ରତିଯୋଗୀମାନଙ୍କ ଜ୍ଞାନ ପରୀକ୍ଷା କରାଯାଇଥିଲା। ଛାତ୍ରଛାତ୍ରୀମାନେ ଉତ୍ସାହର ସହ ପ୍ରଶ୍ନଗୁଡ଼ିକର ଉତର ଦେଇଥିଲେ। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ପିଏମ୍‌ଶ୍ରୀ ହାଇସ୍କୁଲ, ସୁବଳୟାର ଛାତ୍ରୀ ପ୍ରିୟାଂଶୀ ମିଶ୍ର ଏବଂ ସିଙ୍ଗାରୀ ହାଇସ୍କୁଲର ଛାତ୍ରୀ ସଂଚିତା ସାହୁ ରାଜ୍ୟସ୍ତରୀୟ ଏଡସ୍ କୁଇଜ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

## ବୀରମହାରାଜପୁରଠାରେ ବରିଷ୍ଠ ନାଗରିକ ଦିବସ ପାଳିତ

ସୁବର୍ଣ୍ଣପୁର,୨୨/୮(ନି/ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଠାରେ ଆଜି ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ମାର୍ଗ ଦର୍ଶକ। ସେମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ଅଧିକାର ସଂପର୍କରେ ସଚେତନତା ସୃଷ୍ଟି କରିବା ବରିଷ୍ଠ ନାଗରିକ ଦିବସ ପାଳନ କରିବାର ମୂଳଲକ୍ଷ୍ୟ ବୋଲି ଶୁକ୍ରବାର କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଅତିଥିମାନେ ପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାପତି ଦୟାନିଧି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପୂର୍ବତନ ସଭାପତି ଡ଼. ପ୍ରଫୁଲ୍ଲ ରଥ ମଂଚାସୀନ ହୋଇ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ, ଧନୁ ପ୍ରଧାନ ଓ ଭୀମସେନ ପାଣିଗ୍ରାହୀଙ୍କୁ ଉପଢୌକନ ଓ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୋଲିସ୍ ପ୍ରଶାସନ ତରଫରୁ ୩୦ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଟଂନ କରାଯାଇଥିଲା। ଏଥିରେ ସ୍ଥାନୀୟ ଥାନା ଅଧିକାରୀ ଯଯାତି କେଶରୀ ସାହୁଙ୍କ ସମେତ ଆରକ୍ଷୀ ବାହିନୀ ସହଯୋଗ କରିଥିଲେ। ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା ଓ ବରିଷ୍ଠ ସଦସ୍ୟ ଶରତ ନାରାୟଣ ନାୟକଙ୍କ ଦ୍ୱାରା ଅନୁଷ୍ଠାନକୁ ପ୍ରଦତ୍ତ ଏଆର୍ କଣ୍ଡିସନର୍ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାମଚନ୍ଦ୍ର ଶତପଥୀଙ୍କ ରଚିତ "ମୋ ବନ୍ଦୀ ଜୀବନ" ପୁସ୍ତକକୁ ତାଙ୍କ ପୁତ୍ର ପ୍ରଶାନ୍ତ ଶତପଥୀ ଅତିଥି ମାନଙ୍କୁ ପ୍ରଦାନ କରିଥିଲେ। ସଂପାଦକ ଡ଼. ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିବାବେଳେ ନିମାଇଁ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାସୁଦେବ ପଣ୍ଡା, ଚମରା ମହାକୁର, ସୁରୁ ସାହୁ, ଶ୍ୟାମସୁନ୍ଦର ସେଠି, ଅକ୍ଷୟ ମିଶ୍ର, ରାଧେଶ୍ୟାମ ପୁରୋହିତ, ଜୀତେନ୍ଦ୍ର ପ୍ରଧାନ, ବଳରାମ କାଣ୍ଡ ପ୍ରମୁଖ ସହଯୋଗ କରିଥିବା ବେଳେ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଚକ୍ରୋଡା ପଂଚାୟତରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୨୨/୮(ନି/ପ୍ର): କେନ୍ଦ୍ରାପଡ଼ା ବ୍ଲକର ଏକ ଅଗ୍ରଣୀ ପଂଚାୟତ ଭାବେ ପରିଚୟ ପାଇଥିବା ଚକ୍ରୋଡା ଗ୍ରାମ ପଂଚାୟତ ଶତାଧିକ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ପ୍ରଦାନ କରି ବେଶ ପ୍ରଶଂସା ସାଉଁଟିଛି। ପଂଚାୟତ ତରଫରୁ ସରପଂଚ ତନୁଜା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଗ୍ରାମସଭାରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲା ସଭାପତି ଶିବପ୍ରସାଦ ଭୋଳ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଦେବା ସହ ମାନପତ୍ର ପ୍ରଦାନ କରିଥିଲେ ।ସମ୍ମାନିତଅତିଥି ଭାବେ ଭିକାରି ଚରଣ ଦାସ, ଡ଼ ପୁରୁଷୋତମ ସାହୁ, ଅରୀକ୍ଷିତ ନାୟକ ପ୍ରମୁଖ ଯୋଗଦେଇ ଥିଲେ।

## ରାଉରକେଲା ଇସ୍ପାତ କାରଖାନାସ୍ତରୀୟ ରଣ ନୀତି ୨୦୨୬ - ଡିରେକ୍ଟର ପର୍ସୋନେଲ୍ କପ୍‌ର ବିଜେତାମାନେ ରାଞ୍ଚିରେ ହେବାକୁ ଥିବା ଫାଇନାଲ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବେ



ରାଉରକେଲା,୨୨/୮(ନି/ପ୍ର):ରାଞ୍ଚିରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ୍ସରେ ରାଉରକେଲା ଇସ୍ପାତ କାରଖାନାର ଟିମ୍‌ଗୁଡ଼ିକୁ ଚୟନ କରିବା ପାଇଁ ଅଗଷ୍ଟ ୧୮ ଏବଂ ୧୯ ରେ ଲର୍ଣ୍ଣ ଆଣ୍ଡ ଡେଭେଲପମେଣ୍ଟ ସେଣ୍ଟରଠାରେ ରଣ ନୀତି ୨୦୨୬ – ଡିରେକ୍ଟର ପର୍ସୋନେଲ୍ କପ୍ ନାମକ ଏକ ଦୁଇଦିନିଆ ବିଜନେସ୍ ସିମୁଲେସନ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସେଲ୍ ଦ୍ୱାରା ଅଲ୍-ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନ୍ ର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅନୁଭୂତିପୂର୍ଣ୍ଣ ବିଜନେସ୍ ସିମୁଲେସନ୍ ମାଧ୍ୟମରେ ରଣନୀତିକ ଚିନ୍ତାଧାରା, ଆନ୍ତଃ-ବିଭାଗୀୟ ସହଯୋଗ ଏବଂ ପ୍ରବନ୍ଧକୀୟ ନିଷ୍ପତି ନେବାର ଦକ୍ଷତାକୁ ବୃଦ୍ଧି କରିବା ଥିଲା। ଏହି କାର୍ଯ୍ୟକ୍ରମରେ ୧୦୨ ଜଣ ଏକ୍ଜିକ୍ୟୁଟିଭ୍‌ଙ୍କୁ ନେଇ ଗଠିତ ୩୪ ଟି ଟିମ୍ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ସିମୁଲେସନ୍ ରାଉଣ୍ଡ ସମୟରେ, ପ୍ରତିଯୋଗୀମାନେ ପ୍ରମୁଖ ପ୍ରବନ୍ଧକୀୟ ଭୂମିକା ଗ୍ରହଣ କରିଥିଲେ ଏବଂ ଏକ ଗତିଶୀଳ ସିମୁଲେଟେଡ୍ ବିଜନେସ୍ ପରିବେଶରେ ଅନ୍ୟ ଟିମ୍‌ଗୁଡ଼ିକ ସହିତ ପ୍ରତିଯୋଗିତା କରିବା ସହିତ ମୂଲ୍ୟ ନିର୍ଦ୍ଧାରଣ, ମାର୍କେଟିଂ, ଅପରେସନ୍ସ ଏବଂ ଆର୍ଥିକ ପରିଚାଳନା ସମ୍ବନ୍ଧୀୟ ରଣନୀତିକ ନିଷ୍ପତି ନେଇଥିଲେ। ଏହି ସିମୁଲେସନ୍ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ବ୍ୟବସାୟିକ କାର୍ଯ୍ୟର ପାରସ୍ପରିକ ନିର୍ଭରଶୀଳତା ବିଷୟରେ ଜ୍ଞାନ ଆହରଣ କରିବାକୁ ଏବଂ ସମଗ୍ର ସଂସ୍ଥାଗତ ପ୍ରଦର୍ଶନ ଉପରେ ପ୍ରବନ୍ଧକୀୟ ନିଷ୍ପତ୍ତିର ପ୍ରଭାବକୁ ବୁଝିବାକୁ ସକ୍ଷମ କରିଥିଲା। ପୂରା କାର୍ଯ୍ୟକ୍ରମରେ ଟିମ୍‌ଗୁଡ଼ିକ ଉଚ୍ଚସ୍ତରୀୟ ଉତ୍ସାହ, ଦଳଗତ କାର୍ଯ୍ୟ, ବିଶ୍ଳେଷଣାତ୍ମକ ଦକ୍ଷତା ଏବଂ ପ୍ରତିଯୋଗିତାମୂଳକ ମନୋଭାବ ପ୍ରଦର୍ଶନ କରିଥିଲେ। ଗ୍ରୁପ୍-ଏ ରେ, ଶ୍ରୀ ପୂରବ ଦାସ (ବରିଷ୍ଠ ପ୍ରବନ୍ଧକ, ଫ୍ଲକ୍ସ ଆଣ୍ଡ ରିଫ୍ରାକ୍ଟରୀ), ଶ୍ରୀ ସମ୍ପଦ ମିଶ୍ର (ଉପ ମହାପ୍ରବନ୍ଧକ, କୋକ୍ ଓଭନ୍ସ) ଏବଂ ଶ୍ରୀ ଅବିନାଶ ପଟ୍ଟନାୟକ (ଉପ ମହାପ୍ରବନ୍ଧକ, ପ୍ଲେଟ୍ ମିଲ୍) ଙ୍କୁ ନେଇ ଗଠିତ ଟିମ୍ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଶ୍ରୀ ସୀମାଂଚଳ ଗୌଡ଼ (ବରିଷ୍ଠ ପ୍ରବନ୍ଧକ), ଶ୍ରୀ ପୁନୀତ ଠାକର (ସହକାରୀ ମହାପ୍ରବନ୍ଧକ) ଏବଂ ଶ୍ରୀ ସିଦ୍ଧାର୍ଥ ପାଲ (ବରିଷ୍ଠ ପ୍ରବନ୍ଧକ) - ସମସ୍ତେ ନ୍ୟୁ ପ୍ଲେଟ୍ ମିଲ୍‌ର, ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ ।ସେହିପରି ଗ୍ରୁପ୍-ବି ରେ, ଶ୍ରୀ ପପୁ କୁମାର (ସହକାରୀ ମହାପ୍ରବନ୍ଧକ, ବିତ୍ତ ଓ ଲେଖା ), ଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ (ସହକାରୀ ମହାପ୍ରବନ୍ଧକ, ବିତ ଓ ଲେଖା) ଏବଂ ଶ୍ରୀ ବିକ୍ରାନ୍ତ କୁମାର ପଟେଲ (ସହକାରୀ ମହାପ୍ରବନ୍ଧକ, ସତର୍କତା) ଙ୍କ ଟିମ୍ ପ୍ରଥମ ସ୍ଥାନ ଅଧିକାରୀ ହୋଇଥିବା ବେଳେ ଶ୍ରୀ କୁମାର ସୌରଭ ଶୋ (ସହକାରୀ ମହାପ୍ରବନ୍ଧକ, ଆର.ଏମ.ଏଚ.ପି), ଶ୍ରୀ ପ୍ରଭାତ କୁମାର (ଉପ ମହାପ୍ରବନ୍ଧକ, କାଲସିନିଂ ପ୍ଲାଣ୍ଟ-୨) ଏବଂ ଶ୍ରୀ ତନୁଜ କୁମାର ସାହୁ (ବରିଷ୍ଠ ପ୍ରବନ୍ଧକ, ବିତ୍ତ ଓ ଲେଖା) ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ସେମାନଙ୍କର ସମଗ୍ର ପ୍ରଦର୍ଶନ ଆଧାରରେ, ପ୍ରତିଯୋଗିତା ଢାଞ୍ଚା ଅନୁଯାୟୀ ରାଞ୍ଚିର ମ୍ୟାନେଜମେଣ୍ଟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଏମ.ଟି.ଆଇ) ଠାରେ ଅନୁଷ୍ଠିତ ହେବାକୁ ଥିବା ରଣ- ନୀତି ୨୦୨୬ର ଲେବଲ-୨ ରେ ଆର.ଏସ.ପି ର ପ୍ରତିନିଧିତ୍ୱ କରିବା ପାଇଁ ସମସ୍ତ ଚାରୋଟି ଶୀର୍ଷ-ପ୍ରଦର୍ଶନକାରୀ ଟିମ୍‌ଙ୍କୁ ଚୟନ କରାଯାଇଛି।